# ଏକକ - ୧୧ ଶିକ୍ଷାରେ ଲିଙ୍ଗଗତ ସମସ୍ୟା

ସଂରଚନା

**୧୧.୦** ଉପକ୍ରମ

**୧୧.୧** ଶିକ୍ଷଣ ଉଦ୍ଦେଶ୍ୟ

**୧୧.୨** ଲିଙ୍ଗର ଧାରଣା

**୧୧.୩ ଲିଙ୍ଗଗତ ଭେଦଭାବ**

**୧୧.୪** ଲିଙ୍ଗର ସ୍ଥିତି ଭିତ୍ତିକ ସୂଚକ

**୧୧.୫** ସାରାଂଶ

**୧୧.୬** ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**୧୧.୭** ପ୍ରକଳ୍ପକାର୍ଯ୍ୟ ଓ ପ୍ରଶ୍ନାବଳୀ

**୧୧.୮** ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

**୧୧.୯** ପାଠାନ୍ତ ପ୍ରଶ୍ନାବଳୀ

## ୧୧.୦ ଉପକ୍ରମ

ପୂର୍ବ ଏକକରେ ଆମେ ବିଭିନ୍ନ ପ୍ରକାର ଅବହେଳିତ ବର୍ଗ ଏବଂ ସେମାନଙ୍କ ସମସ୍ୟା ବିଷୟରେ ପଢ଼ିଛେ । ବାଳିକା ଓ ମହିଳାମାନେ ସମାଜରେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହୁଅନ୍ତି, କାରଣ ସେମାନେ ସ୍ତ୍ରୀ ଲୋକ ଅଟନ୍ତି । ଏହା ଉପରେ ଦୃଷ୍ଟି ନିକ୍ଷେପ କରିବା ବ୍ୟକ୍ତି, ସମାଜ, ଦେଶ ଓ ସଂପୂର୍ଣ୍ଣ ଜନ ସମାଜର ଦାୟିତ୍ୱ ଅଟେ । ଜଣେ ସ୍ତ୍ରୀ ଲୋକ ବିଭିନ୍ନ ପରିସ୍ଥିତିରେ ସ୍ୱତନ୍ତ୍ର ଅସୁବିଧାର ସମ୍ମୁଖୀନ ହୋଇଥାଏ । ତେଣୁ ଏହା ଉପରେ ଆଲୋଚନା କରିବା ଦେଶର ସମସ୍ତ ନାଗରିକର କର୍ତ୍ତବ୍ୟ ଅଟେ । ଏହା ଦେଶର ସାମାଜିକ, ନୈତିକ ଓ ଅର୍ଥନୈତିକ ବିକାଶ ଉପରେ ପ୍ରଭାବ ପକାଇଥାଏ । ଏହି ଏକକରେ ଆମେ ନାରୀ ଓ ପୁରୁଷ ମଧ୍ୟରେ ଥିବା ତାରତମ୍ୟ, ତା'ର କାରଣ ଓ ତା'ର ଉତ୍ପତ୍ତି ବିଷୟରେ ଜାଣିବା । ଏହବ୍ୟତୀତ ନାରୀ ଓ ପୁରୁଷମାନଙ୍କ ମଧ୍ୟରେ ସମାନତା ଆଣିବା ପାଇଁ ଜାତୀୟ ସ୍ତରରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଜାଣିବା । ନାରୀ ଓ ପୁରୁଷମାନଙ୍କ ମଧ୍ୟରେ ସମାନତା ଆଣିବା ପାଇଁ ସମାଜରେ ନାରୀର ସମ୍ମାନ ରକ୍ଷା କରିବା ପାଇଁ ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋଚନା କରିବା ।

## ୧୧.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଢ଼ିବାପରେ ତୁମେ

- ଲିଙ୍ଗ(Sex) ଓ ଲିଙ୍ଗ ଭିତ୍ତିକ ସଂଜ୍ଞା (Gender) ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବ ।
- ଜୈବିକ ବୈଶିଷ୍ଟ୍ୟ ଓ ଲିଙ୍ଗଭିତ୍ତିକ ବୈଶିଷ୍ଟ୍ୟର ଉଦାହରଣ ଦେଇପାରିବ ।
- ଲିଙ୍ଗ ସମ୍ବନ୍ଧୀୟ ଏବଂ ଲିଙ୍ଗଭିତ୍ତିକ ସଂଜ୍ଞା ସମ୍ବନ୍ଧୀୟ ଉକ୍ତି ଗୁଡ଼ିକର ବର୍ଗୀକରଣ କରିପାରିବ ।

ଟିପ୍ପଣୀ

- ବାଳକ ଓ ବାଳିକା ମାନଙ୍କର ମୁଖ୍ୟ ସାମାଜିକ ଓ ସାଂସ୍କୃତିକ ଗୁଣଗୁଡ଼ିକର ତାଲିକା କରିବ ।
- ଲିଙ୍ଗଭିତ୍ତିକ ଭେଦଭାବର ଅର୍ଥ ଓ କାରଣ ସଂପର୍କରେ ବର୍ଣ୍ଣନା କରିପାରିବ ।
- ଲିଙ୍ଗଭିତ୍ତିକ ବିଭେଦତାର ପ୍ରତିରୋଧ କରିବାର ଆବଶ୍ୟକତା ଓ ଯଥାର୍ଥତା ପ୍ରତିପାଦନ କରିବ ।
- ଆମ ସମାଜରେ ଏବେ ମଧ୍ୟ ଲିଙ୍ଗଗତ ବିଭେଦତା ରହିଥିବା ଦର୍ଶାଇ ଯୁକ୍ତି ଉପସ୍ଥାପନ କରିବ ।
- ଲିଙ୍ଗଗତ ସମାନତା ଥିବା ସମାଜ ସୃଷ୍ଟି କରିବା ଦିଗରେ ଶିକ୍ଷକଙ୍କ ଭୂମିକା ବର୍ଣ୍ଣନା କରିବ ।

## 11.2 ଲିଙ୍ଗର ଧାରଣା

### 11.2.1 ଲିଙ୍ଗ ଓ ଲିଙ୍ଗଭିତ୍ତିକ ସଂଜ୍ଞା ମଧ୍ୟରେ ପାର୍ଥକ୍ୟ

ତୁମେ କେବେ ଲିଙ୍ଗଭିତ୍ତିକ ସଂଜ୍ଞା ବିଷୟରେ ଶୁଣିଛ କି ? କିଛି ଲୋକ ଏହି ଶବ୍ଦକୁ ଲିଙ୍ଗ ବୋଲି ଭାବି ସେହି ଅର୍ଥରେ ପ୍ରକାଶ କରନ୍ତି । କିନ୍ତୁ କେତେକ ପରିସ୍ଥିତିରେ ଏହି ଦୁଇଟି ଶବ୍ଦ ଭିନ୍ନଭିନ୍ନ ଅର୍ଥ ପ୍ରକାଶ କରନ୍ତି ।

ଯେତେବେଳେ ଆମେ କୌଣସି ଆବେଦନ ପତ୍ର ପୂରଣ କରନ୍ତି, ସେତେବେଳେ ଆମେ ସେଠାରେ ଆମର ଲିଙ୍ଗ ଦର୍ଶାଇଥାଉ । ଏହା ପୁରୁଷ ବା ସ୍ତ୍ରୀ ଭାବରେ ସୂଚିତ କରାଯାଏ । ଏହାଦ୍ୱାରା ଜଣେ ବ୍ୟକ୍ତି ପୁରୁଷ, ମହିଳା କିମ୍ବା ବାଳକ କି ବାଳିକା ସୂଚତ ହେଉଥାଏ । ବ୍ୟକ୍ତିର ପ୍ରଜନନ ଅଙ୍ଗକୁ ଲକ୍ଷ୍ୟକରି ଏହି ବିଭେଦତା ସୂଚିତ କରାଯାଏ । ଏହା ହେଉଛି ସେମାନଙ୍କର ଶାରୀରିକ ଗଠନର ଏକ ଅଂଶ । ଅତଏବ ଜଣେ ବ୍ୟକ୍ତିର ଜୈବିକ ଗୁଣାବଳୀକୁ ଲକ୍ଷ୍ୟକରି ସେ ଜଣେ ପୁରୁଷ ବା ସ୍ତ୍ରୀ ନିର୍ଣ୍ଣୟ କରାଯାଇଥାଏ ।

**ବର୍ତ୍ତମାନ ଆମେ ଲିଙ୍ଗଭିତ୍ତିକ ସଂଜ୍ଞା ବିଷୟରେ ଜାଣିବା -**

ସମାଜ ବାଳକ ଓ ବାଳିକା ମାନଙ୍କଠାରୁ ବିଭିନ୍ନ ପ୍ରକାର ବ୍ୟବହାର ଆଶାକରେ । ବାଳକମାନେ ସାଧାରଣତଃ ସାହସୀ ଓ ନିର୍ଭିକ, ତେଣୁ ସେମାନେ ବାହାରକୁ ଯାଇ କାମଧନ୍ଦା ଓ ରୋଜଗାର କରି ଆଣିବା, ସମାଜ ସେମାନଙ୍କଠାରୁ ଆଶାକରେ । ସେମାନେ ପରାକ୍ରମଶାଳୀ ଓ ବିଜୟୀ । ସ୍ତ୍ରୀ ଲୋକମାନେ ସାଧାରଣତଃ ନରମ ଓ ଭୟାଳୁ । ସେମାନେ ଗୃହକାର୍ଯ୍ୟ ପାଇଁ ଉପଯୁକ୍ତ । ଏହା ହେଉଛି ଏକ ସାମାଜିକ ବ୍ୟବସ୍ଥା, ଯାହା ସମାଜ ଦ୍ୱାରା ପ୍ରସ୍ତୁତ, ଏହା ପ୍ରାକୃତିକ ନୁହେଁ । ପୁରୁଷ ଓ ନାରୀମାନଙ୍କ ପାଇଁ ସମାଜ ଭିନ୍ନଭିନ୍ନ ଦାୟିତ୍ୱ ଦେଇଛି, ଭିନ୍ନ ଭିନ୍ନ କର୍ତ୍ତବ୍ୟ ମଧ୍ୟ ରଖିଛି । ଦାୟିତ୍ୱ ବିଶେଷ ଅଧିକାର ଦୃଷ୍ଟିରୁ ତଥା କଟକଣା ଦୃଷ୍ଟିରୁ ମଧ୍ୟ ସମାଜ ସେମାନଙ୍କୁ ଭିନ୍ନଭିନ୍ନ କର୍ତ୍ତବ୍ୟ ଦେଇଛି ।

ପୁରୁଷ ଓ ନାରୀ ମାନଙ୍କ କୃତ୍ୟ ଦୃଷ୍ଟିରୁ ତଥା ସମାଜିକ ଅବସ୍ଥା ନେଇ ସେମାନଙ୍କର ଲିଙ୍ଗଭିତ୍ତିକ ସଂଜ୍ଞା ନିରୂପଣ କରାଯାଉଛି । ତେଣୁ ଏକ ସମାଜ ଗଠନ ପାଇଁ ବିଶେଷ ଗୁଣ, ଭୂମିକା ଓ ପରିଚାଳନା ଦୃଷ୍ଟିରୁ ସମାଜ ନାରୀ ଓ ପୁରୁଷଙ୍କଠାର ଭିନ୍ନ ଭିନ୍ନ ଜିନିଷ ଆଶା କରିଥାଏ । ସମୟରୁ ସମୟ ଅନୁସାରେ ଓ ସଂସ୍କୃତିରୁ ସଂସ୍କୃତି ଅନୁସାରେ ଲିଙ୍ଗଭିତ୍ତିକ ସଂଜ୍ଞା ପରିବର୍ତ୍ତନ ହୋଇଥାଏ ।

ଲିଙ୍ଗ ଓ ଲିଙ୍ଗଭିତ୍ତିକ ସଂଜ୍ଞା ମଧ୍ୟରେ ଥିବା ବିଶେଷ ପାର୍ଥକ୍ୟ :

| ଲିଙ୍ଗ (Sex) | ବ୍ୟକ୍ତିଙ୍କ ଲିଙ୍ଗହେତୁକ ସଂଜ୍ଞା (Gender) |
| --- | --- |
| ଜୈବିକ ଗଠନ | ସାମାଜିକ ସାଂସ୍କୃତିକ ଗଠନ |
| ପ୍ରକୃତି ସୃଷ୍ଟି | ସମାଜ ସୃଷ୍ଟି |

| | |
|---|---|
| ସ୍ଥିର | ପରିବର୍ତ୍ତନଶୀଳ |
| ବ୍ୟକ୍ତିଗତ | ଶରୀରର ସମଗ୍ର ପକ୍ରିୟା ସମ୍ବନ୍ଧୀୟ |
| ପଦାନୁକ୍ରମିକ ବା ଶ୍ରେଣୀବଦ୍ଧନୁହେଁ | ପଦାନୁକ୍ରମିକ ବା ଶ୍ରେଣୀବଦ୍ଧ |
| ପରିବର୍ତ୍ତନ ହୋଇପାରିବ ନାହିଁ | ପରିବର୍ତ୍ତନୀୟ |

ଟିପ୍ପଣୀ

**ଜଣେ ବ୍ୟକ୍ତିର ଜୈବିକ ଏବଂ ଲିଙ୍ଗ ହେତୁକ ବିଶେଷ ଗୁଣ :**

**ଜଣେ ବ୍ୟକ୍ତିର ବିଶେଷ ଜୈବିକ ଗୁଣ :-** ଜଣେ ବ୍ୟକ୍ତି ସାଧାରଣତଃ ପୁରୁଷ କିମ୍ବା ମହିଳା ହୋଇ ଜନ୍ମ ହୋଇଥାଏ । ପ୍ରକୃତି ସାଧାରତଃ ଏକ ସ୍ତ୍ରୀ ଲୋକକୁ ଏହି ଶକ୍ତି ଦେଇଥାଏ କି, ସେ ଏକ ପିଲାଜନ୍ମ କରିପାରିବ ଓ ତାକୁ ସ୍ତନ୍ୟପାନ କରାଇପାରିବ । ଏଗୁଡ଼ିକ ସାଧାରଣତଃ ସ୍ୱତନ୍ତ୍ର ଅଙ୍ଗ ପ୍ରତ୍ୟଙ୍ଗ ନଥାଏ । କିନ୍ତୁ ପ୍ରଜନନ କ୍ଷେତ୍ରରେ ସେମାନେ ମଧ୍ୟ କିଛି ଭୂମିକା ଗ୍ରହଣ କରିଥାନ୍ତି ।




**ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ପ୍ରକାର ଭେଦ**

ବର୍ତ୍ତମାନ ଜଣେ ପୁରୁଷ ଓ ମହିଳା ବିଷୟରେ ଅଧିକ ଜାଣିବା । ଜଣେ ଯୁବକ ସାଧାରଣତଃ ଶୁକ୍ରାଣୁ ସୃଷ୍ଟି କଲାବେଳେ ଜଣେ ଯୁବତୀ ଡିମ୍ବାଣୁ ସୃଷ୍ଟି କରିଥାଏ । ଏହ ସଂପୂର୍ଣ୍ଣ ପ୍ରକୃତି ଦତ୍ତ । ଯେଉଁଥିରେ ସମାଜ, ଜାତି ଓ ସଂସ୍କୃତିର କୌଣସି ଭୂମିକା ନଥାଏ । ପୁନଶ୍ଚ ପୁରୁଷ ଓ ମହିଳା ମଧ୍ୟରେ ଅନ୍ୟ ଏକ ଜୈବିକ ଭିନ୍ନତା ହେଲା, ପୁରୁଷ ଓ ମହିଳା ମାନଙ୍କ ଜିନ୍‌ରେ ଥିବା ଗୁଣସୂତ୍ର । ପୁରୁଷ କ୍ଷେତ୍ରରେ xx ହେଉଥିବାବେଳେ ନାରୀ କ୍ଷେତ୍ରରେ ଏହା xy ହୋଇଥାଏ । ପୁନଶ୍ଚ ନାରୀମାନଙ୍କର ଗର୍ଭାଶୟ ଥାଏ; ଯାହା କି ପୁରୁଷ ମାନଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ ।

ପୁରୁଷ ଓ ନାରୀ ମଧ୍ୟରେ ଥିବା ଜୈବିକ ଭିନ୍ନତା :

| ପୁରୁଷ | ନାରୀ |
|---|---|
| -ପୁରୁଷ ମାନଙ୍କର ସାଧାରଣତଃ କୈଶୋର ଅବସ୍ଥାରେ ଗଳା କର୍କଷ ହୋଇଥାଏ । | -କୈଶୋର ଅବସ୍ଥାରେ ନାରୀ ମାନଙ୍କର ଗଳା/କଣ୍ଠସ୍ୱର ଶ୍ରୁତି ମଧୁର ହୋଇଥାଏ । |
| -ପୁରୁଷ ମାନଙ୍କର ମୁଖମଣ୍ଡଳରେ ନିଶ ଓ ଦାଢ଼ି ଉଠିଥାଏ । | -କୈଶୋର ଅବସ୍ଥାରେ ନାରୀମାନଙ୍କର ସ୍ତନ୍ୟର ଅଭିବୃଦ୍ଧି ହୋଇଥାଏ । |

ଟିପ୍ପଣୀ

| | |
|---|---|
| -ପୁରୁଷ ମାନଙ୍କର ଶରୀର ପେଶୀୟ/ମାଂସାଳ ହୋଇଥାଏ । | -କୈଶୋର ଅବସ୍ଥାରେ ମହିଳା ମାନଙ୍କର ରତୁଚକ୍ର ଆରମ୍ଭ ହୋଇଥାଏ । |

ବ୍ୟକ୍ତିର ଲିଙ୍ଗଭିତ୍ତିକ ବୈଶିଷ୍ଟ୍ୟ / ଗୁଣ :-

ଜୈବିକ ଭିନ୍ନତା ଦୃଷ୍ଟିରୁ କୌଣସି କାର୍ଯ୍ୟକୁ ପୁରୁଷ ବା ସ୍ତ୍ରୀ ଦ୍ୱାରା ସଂପାଦନ କରାଯିବ ବୋଲି ସ୍ଥିର କରାଯାଇନାହିଁ । ଏସବୁ କାର୍ଯ୍ୟରେ ଭିନ୍ନତା ସମାଜ ହିଁ ସୃଷ୍ଟି କରିଛି । ସ୍ତ୍ରୀ ଓ ପୁରୁଷ ମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକୁ ସମାଜ ହିଁ ସ୍ଥିର କରିଛି ଯେପରିକି,ସାଧାରଣତଃ ଜଣେ ନାରୀ ହଳ କରିବା ଅସ୍ୱାଭାବିକ । ଅନେକ ଲୋକ ଭାବନ୍ତି ଯେ, ହଳ କରିବା ଏକ ପୁରୁଷର କାର୍ଯ୍ୟ । ସେହିପରି ପିଲାମାନଙ୍କର ଓ ପରିବାର ସଦସ୍ୟମାନଙ୍କର ଲୁଗାପଟା ସଫା କରିବା ସ୍ତ୍ରୀର କାର୍ଯ୍ୟ ବୋଲି ଭାବନ୍ତି । ଏହା ବିଶ୍ୱାସ କରାଯାଏ ଯେ ଗୃହ ମଧ୍ୟର କାର୍ଯ୍ୟ ସାଧାରଣତଃ ମହିଳାମାନେ ସଂପାଦନ କଲାବେଳେ ଗୃହ ବାହାର କାର୍ଯ୍ୟ ପୁରୁଷମାନେ ସଂପାଦନ କରିଥାନ୍ତି । ଅନେକ ମଧ୍ୟ ବିଶ୍ୱାସ କରନ୍ତି ଯେ, ପୁରୁଷମାନେ କଠିନ କାର୍ଯ୍ୟ କରନ୍ତି ଓ ସ୍ତ୍ରୀ ମାନେ ସହଜ କାମ କରନ୍ତି । ଆମେ ଏହା ମଧ୍ୟ ବିଶ୍ୱାସ କରୁ ଯେ, କିଛି ସ୍ୱତନ୍ତ୍ର ଚାକିରୀ ଝିଅମାନଙ୍କ ପାଇଁ ଉପଯୁକ୍ତ । ଯେପରିକି ସେବିକା ଓ ଶିକ୍ଷୟତ୍ରୀ । ଠିକ୍ ସେହିପରି କିଛି ସ୍ୱତନ୍ତ୍ର ଚାକିରୀ ମଧ୍ୟ ପୁଅ ମାନଙ୍କ ପାଇଁ ଉପଯୁକ୍ତ ବୋଲି ଭାବନ୍ତି । ଏହି ବିଷୟରେ ତୁମର ମତ କ'ଣ ?

ଆମ୍ଭ ମାନଙ୍କର ମଧ୍ୟ ପୁରୁଷ ଓ ସ୍ତ୍ରୀର ଗୁଣାବଳୀ ବିଷୟରେ କିଛି ମନୋଭାବ ଅଛି । ସମାଜ ଲିଙ୍ଗଭିତ୍ତିରେ ସେମାନଙ୍କର କିଛି ଭୂମିକା, କାର୍ଯ୍ୟ ବ୍ୟସ୍ତ କରିଥାଏ । ସେହି ଭୂମିକାରେ ଭିନ୍ନତା ପୁରୁଷ ଓ ନାରୀ ମଧ୍ୟରେ ବିଭେଦତା ସୃଷ୍ଟି କରିଥାଏ । ଆମେ ଏସବୁକୁ ଅଧିକ କିଛି ଉଦାହରଣ ଦ୍ୱାରା ଜାଣିବା । ସମାଜ ସାଧାରଣତଃ ଆଶା କରେ ଯେ ଝିଅମାନେ ନରମ, କୋମଳ, ଶାନ୍ତ ସ୍ୱଭାବ ତଥା ଆଜ୍ଞାଧୀନ ହୋଇଥାନ୍ତୁ । ଅନ୍ୟ ପଟରେ ପୁଅମାନେ ସାହସୀ, ଉଗ୍ର ତଥା ବଳିଷ୍ଠ ହୋଇଥାନ୍ତୁ । ଆମେ କାହିଁକି ବ୍ୟବହାରରେ ଏ ପ୍ରକାର ଭିନ୍ନତା ଆଶା କରୁ ? ଏହି ଭିନ୍ନତା ପ୍ରାକୃତିକ ହୋଇନଥାଏ । ଏହା ସମାଜ ଦ୍ୱାରା ହିଁ ସୃଷ୍ଟି ହୋଇଥାଏ ଯାହା କି ଆଦ୍ୟଶୈଶବାବସ୍ଥା ସମୟରେ ଅଦୃଶ୍ୟ ଅବସ୍ଥାରେ ଥାଏ ଓ ପରେ ଅର୍ଥାତ୍ ଯୌବନାବସ୍ଥାରେ ଦେଖାଦିଏ ।



ଏହି ପ୍ରକାର ଭିନ୍ନତା ଗୁଡ଼ିକ ତାଙ୍କ ବୟସ ବଢ଼ିବା ସହ ଅଧିକ ପରିଲକ୍ଷିତ ହୁଏ କେତେକ ଲକ୍ଷଣ ନିମ୍ନ ସାରଣୀରେ ଦିଆଯାଇଛି ।

| ଉପାଦାନ | ପୁରୁଷ | ମହିଳା |
|---|---|---|
| ଲିଙ୍ଗ | ବଳିଷ୍ଠ | ଦୁର୍ବଳ |
| ଶରୀର | -ବନ୍ଧୁର ଏବଂ ବଳିଷ୍ଠ | -କୋମଳ ଏବଂ ଦୁର୍ବଳ |
| | -ଅଭେଦ | -ମନମୁଗ୍ଧକର |
| | -ରୁକ୍ଷ ଓ ଉଚ୍ଚ ଧ୍ୱନି | -ତୀବ୍ର/କର୍ଣ୍ଣ ଭେଦୀ କଣ୍ଠଧ୍ୱନି |
| ସାମାଜିକ | -ମୁଖ୍ୟ ରୋଜଗାରକ୍ଷମ | -ପରିବାର ପ୍ରେମୀ |

ଟିପ୍ପଣୀ

| | | |
|---|---|---|
| | -ପରିବାରର ମୁଖ୍ୟ | -ଆଦର୍ଶ ମା', ସ୍ତ୍ରୀ, ଭଉଣୀ |
| | -ଗୋଷ୍ଠୀରେ ନେତା | -ସ୍ୱାର୍ଥତ୍ୟାଗୀ |
| | -ନେତୃତ୍ୱ ନେବା ପାଇଁ ଚେଷ୍ଟିତ | -ସେବାକାରୀ |
| | -ନିୟନିୟନ୍ତ୍ରକ | -ନିୟନ୍ତ୍ରିତ |
| | -ସମ୍ବଳ ନ୍ୟସ୍ତକାରୀ | -ସମ୍ବଳ ବ୍ୟବହାରକାରୀ |
| | -ରୁକ୍ଷ ଓ ଗଭୀର ସ୍ୱର | -କୋମଳ ସ୍ୱର |
| | -କାର୍ଯ୍ୟ ଏବଂ ଭାବନାରେ ସ୍ୱାଧୀନ | -କାର୍ଯ୍ୟ ଏବଂ ଭାବନାରେ ପରାଧୀନ |
| | -ଦୁଃସାହସୀ | ଇନ୍ଦ୍ରିୟ ଗ୍ରାହୀ |
| | -କୁଶଳ | -ମନୋହର ଏବଂ ସୁନ୍ଦର |
| | -ବୁଦ୍ଧିମାନ | -ଅନ୍ତର୍ଜାତ ସ୍ୱଭାବ |
| | -ଯାନ୍ତ୍ରିକ କାର୍ଯ୍ୟରେ ଆଗୁଆ | -ଯାନ୍ତ୍ରିକ କାର୍ଯ୍ୟରେ ପଛୁଆ |
| | -ଜାଗତିକ ବିଜ୍ଞ | -ସାମାଜିକ ବିଜ୍ଞ |
| | ମନସ୍ତାତ୍ତ୍ୱିକ/<br>-ଅତ୍ୟଧିକ ଆବେଗ ପ୍ରବେଶ | -ଅତ୍ୟଧିକ ବିଚାରବନ୍ତ |
| ମନସ୍ତାତ୍ତ୍ୱିକ | -ଅତ୍ୟଧିକ ଯୁକ୍ତିଯୁକ୍ତ | -ଅତ୍ୟଧିକ ଆବେଗିକ |
| | - ଅଧିକ ସାମାଜିକ ମେଧାଶକ୍ତି | - ସାମାଜିକ ମେଧାଶକ୍ତିରେ ଦୁର୍ବଳ |
| | -ହସ୍ତ କୌଶଳଯୁକ୍ତ | -ଭେଦୋଦ୍ଦୀପକ |
| | -ଅଧୈର୍ଯ୍ୟ ଏବଂ ବିକ୍ଷୁବ୍ଧ | -ଧୈର୍ଯ୍ୟଶୀଳ ଏବଂ ନିସ୍ତବ୍ଧ |
| | -ଅସାବଧାନ ଏବଂ ମଜବୁତ୍ | -ଶରୀର ପାଇଁ ସଚେତନ |
| | -ଅଧିକାର ବିସ୍ତାର ଶକ୍ତି | -ଅନ୍ୟକୁ ବଶୀଭୂତ କରିବା |
| | -ଉତ୍ତମ ଦେଖାଯିବା ପାଇଁ ସାବଧାନତା | -ଧନ ଏବଂ ମର୍ଯ୍ୟାଦା ପାଇଁ ସାବଧାନତା |

ସମାଜ ପୁଅ ଓ ଝିଅଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଥାଏ । ଯେମିତିକି ଯଦି ପୁତ୍ର ସନ୍ତାନଟିଏ ଜନ୍ମ ହେଲେ ତା' ପାଇଁ ବହୁ ଆଡ଼ମ୍ବରରେ ବିଭିନ୍ନ ପ୍ରକାର ଉତ୍ସବ ପାଳନ କରାଯାଏ । ଅନ୍ୟ କ୍ଷେତ୍ରରେ ଝିଏଟିଏ ଜନ୍ମ ହେଲେ ବହୁ ଲୋକ ଖୁସି ମଧ୍ୟ ହୁଅନ୍ତି ନାହିଁ ।

ଏହା କ'ଣ ପାଇଁ ? ଆମେ କାହିଁକି ପୁଅ ଓ ଝିଅ ମଧ୍ୟରେ ପାର୍ଥକ୍ୟ ଦେଖୁ । ବିଭିନ୍ନ କାରଣ ପାଇଁ ପୁଅ ଓ ଝିଅଙ୍କୁ ଦଣ୍ଡ ଦେଇଥାଉ ବା ପ୍ରଶଂଶା କରିଥାଉ । ଆମେ ପୁଅ ଓ ଝିଅ ମାନଙ୍କ ପାଇଁ ଅଲଗା ଅଲଗା ଖେଳନା

ଟିପ୍ପଣୀ

ଆଣିଥାଉ । ଏସବୁ ମଧ୍ୟ ଲିଙ୍ଗଭିତ୍ତିକ ବିଭେଦତା କାରଣରୁ ହୋଇଥାଏ । ପୁଅମାନେ ମଧ୍ୟ କଣ୍ଢେଇ ଓ ରୋଷେଇ ସରଞ୍ଜାମ ଦ୍ୱାରା ଖେଳିପାରିବେ ଏବଂ ଝିଅମାନେ ମଧ୍ୟ କ୍ରିକେଟ୍ ବ୍ୟାଟ୍ ସହିତ ଖେଳିପାରିବେ, ସେମାନେ ଏସବୁ କାର୍ଯ୍ୟଦ୍ୱାରା ଖୁସି ହୋଇପାରିବେ । କିନ୍ତୁ ଏଥିପାଇଁ ସେମାନେ ବହୁତ କମ୍ ପରିମାଣରେ ଉତ୍ସାହିତ ହୋଇଥାନ୍ତି ।

ପୁଅମାନଙ୍କ ନିମନ୍ତେ ଅଂଶଗ୍ରହଣରେ ଅଧିକ ସୁଯୋଗ ଥିଲାବେଳେ ଝିଅମାନଙ୍କ ପାଇଁ ଖୁବ୍ କମ୍ ସୁଯୋଗ ଥାଏ, ପୁଅମାନଙ୍କୁ ଘର ବାହାରକୁ ଯିବାପାଇଁ ଉତ୍ସାହିତ କଲାବେଳେ ଝିଅମାନଙ୍କୁ ଘରେ ରଖାଯାଏ । ଏହି ସବୁ କାର୍ଯ୍ୟକଳାପ ପୁଅ ଓ ଝିଅମାନଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ ।

### 11.2.3 ସାମାଜିକ ଓ ସାଂସ୍କୃତିକ ସଂଗଠନରେ ଲିଙ୍ଗର ଭୂମିକା :

ଲିଙ୍ଗ ଭିତ୍ତିକ  ବିଭେଦତା ସଂସ୍କୃତି ଦ୍ୱାରା ପ୍ରଭାବିତ ଏବଂ ସମାଜ ଦ୍ୱାରା ଗଠିତ ହୋଇଥାଏ ।ଏହିସବୁ କାରଣରୁ ଆମ୍ଭ ସଂସ୍କୃତିରେ ଲିଙ୍ଗ ଭିତ୍ତିକ ବିଭେଦତା ପରିଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ ଦେଶର କେତେକ ଅଞ୍ଚଳରେ ସ୍ତ୍ରୀ ଲୋକ ମାନଙ୍କୁ ଶାଢ଼ୀ ପିନ୍ଧିବା ଏବଂ ଲମ୍ବା ଚୁଟି ରଖିବା ପାଇଁ କୁହାଯାଏ ଅନ୍ୟପକ୍ଷରେ କେତେକ ଅଞ୍ଚଳରେ ଝିଅମାନେ ସ୍କଟ ପିନ୍ଧନ୍ତି ଓ ଛୋଟ ଚୁଟି ରଖିଥାନ୍ତି । ଲୋକମାନେ ବୟସ ବୃଦ୍ଧି ସହିତ ଲିଙ୍ଗଭିତ୍ତିକ କାର୍ଯ୍ୟକଳାପର ଆଶା ବୃଦ୍ଧି କରିଥାନ୍ତି । ପିଲାମାନେ ବହୁତ ଛୋଟବେଳୁ ଲିଙ୍ଗଗତ ପାର୍ଥକ୍ୟ ଜାଣିଥା'ନ୍ତି ଏହଦ୍ୱାରା ସେମାନଙ୍କର ପୁରୁଷ ସୁଲଭ ଗୁଣ ଓ ନାରୀ ସୁଲଭ ଗୁଣର ବିକାଶ ହୋଇଥାଏ । ପୁଅମାନେ  ନିଜର ଦକ୍ଷତା ଓ କୌଶଳ ବୃଦ୍ଧି କଲାବେଳେ ଝିଅମାନେ କେବଳ ପ୍ରଦର୍ଶିତ ବସ୍ତୁ ଭାବେ ପରିଗଣିତ ହୋଇଥାଆନ୍ତି । ପିଲାମାନେ ଅନ୍ୟମାନଙ୍କ ଠାରେ ଯେଉଁ ଗୁଣସବୁ ଦେଖନ୍ତି, ନିଜ ମଧ୍ୟରେ ତାହାର ବିକାଶ କରନ୍ତି, ଏଥିରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ସେମାନଙ୍କର ପିତାମାତା, ପଡ଼ୋଶୀ, ଶିକ୍ଷକ, ଚଳଚିତ୍ର ତଥା ସୋସିଆଲ୍ ମିଡ଼ିଆ । ଲିଙ୍ଗ ବିଭାଜନ କାର୍ଯ୍ୟକ୍ରମଗୁଡ଼ିକ ପ୍ରକୃତରେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପାର୍ଥକ୍ୟ ରହିବା ଗୁରୁତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ ସୃଷ୍ଟି କରେ । ଲିଙ୍ଗଗତ ପାର୍ଥକ୍ୟ ଗୁଡ଼ିକ ବିଭିନ୍ନ କାର୍ଯ୍ୟ ଦ୍ୱାରା ଦୃଢ଼ୀଭୂତ ହୋଇଥାଏ ଯଥା- ସମାଜିକ, ସାଂସ୍କୃତିକ କ୍ଷେତ୍ରରେ ପୁରୁଷ ଓ ସ୍ତ୍ରୀ ମାନଙ୍କ ସମାନତାରେ ପାର୍ଥକ୍ୟ ଇତ୍ୟାଦି । ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ ଲିଙ୍ଗ ବିଭେଦତାର ସୃଷ୍ଟିକୁ ଉତ୍ସାହିତ କରିଥାଏ । ଲିଙ୍ଗଗତ ପାର୍ଥକ୍ୟ ସାମାଜିକୀକରଣ ଓ ସାଂସ୍କୃତିକୀକରଣ ଉପରେ ବହୁଳ ପ୍ରଭାବ ପକାଇଥାଏ ।

ନିଜ ଅଗ୍ରଗତିର ଆକଳନ- **11.1**

1. ନିମ୍ନଲିଖିତ ଉକ୍ତିଗୁଡ଼ିକ 'ସତ୍ୟ' କି 'ମିଥ୍ୟା' ଲେଖ । ତୁମର ଉତ୍ତରକୁ ଦିଆଯାଇଥିବା ଖାଲିଘରେ ଲେଖ ।

(a) ଲିଙ୍ଗଗତ ଗୁଣାବଳୀ ଗୁଡ଼ିକ ହେଉଛି ପ୍ରକୃତିଗତ ବିଭିନ୍ନତା । ..................

(b) ପୁରୁଷ ଓ ମହିଳା ହେବା ଏକ ଜୈବିକ ବୈଶିଷ୍ଟ୍ୟ । ..................

(c) ଲିଙ୍ଗଗତ ଗୁଣାବଳୀ ଗୁଡ଼ିକ ସମାଜ ଭିତ୍ତିରେ ପରିବର୍ତ୍ତିତ ହୋଇଥାଏ  । ..................

(d) ଗୋଟିଏ ବ୍ୟକ୍ତିର ଲିଙ୍ଗଭିତ୍ତିକ ସଂଜ୍ଞା ହେଉଛି ସ୍ଥିର ଏବଂ ଲିଙ୍ଗ ହେଉଛି ପରିବର୍ତ୍ତନୀୟ ।..................

(e) ଲିଙ୍ଗ ହେଉଛି ସମାଜ ଓ ସଂସ୍କୃତିର ଏକ ଉତ୍ପାଦ ।..................

(f) ନାରୀ ହେବା ହିଁ ନିଜ ଭିତରେ ନକରାତ୍ମକ ମନୋଭାବର ପୋଷଣତା ।..................

2. ଜୈବିକ ଗୁଣାବଳୀ ଓ ଲିଙ୍ଗଭିତ୍ତିକ ଗୁଣାବଳୀ ଭେଦରେ ବର୍ଗୀକରଣ କର ।

(a) ପୁରୁଷମାନେ ସ୍ତ୍ରୀମାନଙ୍କ ଅପେକ୍ଷା ଅଧିକ ଧୀଶକ୍ତିସଂପନ୍ନ

(b) ସ୍ତ୍ରୀ ମାନେ ଗର୍ଭ ଧାରଣ କରିପାରିବେ ।

(c) ସ୍ତ୍ରୀଲୋକ ମାନଙ୍କର କଣ୍ଠସ୍ୱର ପୁରୁଷମାନଙ୍କ ଅପେକ୍ଷା କୋମଳ

(d) ପୁରୁଷମାନେ ସ୍ତ୍ରୀମାନଙ୍କ ଅପେକ୍ଷା ଅଧିକ ଅତ୍ମବିଶ୍ୱାସୀ

(e) କିଛି ନିର୍ଦ୍ଦିଷ୍ଟ ଧରଣର ସାମାଜିକ କାର୍ଯ୍ୟ ସ୍ତ୍ରୀ ଲୋକଙ୍କ ପାଇଁ ଉପଯୁକ୍ତ ନୁହେଁ ।

(f) ପୁରୁଷମାନଙ୍କର ଯନ୍ତ୍ରଣା ସହିବା ଶକ୍ତି ନାରୀମାନଙ୍କଠାରୁ ଅଧିକ ।

(g) ନାରୀମାନଙ୍କର xx କ୍ରୋମାଜୋମ୍ ଥାଏ ଏବଂ ପୁରୁଷମାନଙ୍କର xy କ୍ରୋମାଜୋମ୍ ଥାଏ ।

(h) ଜଣେ ନାରୀପାଇଁ ତା'ର ସୌନ୍ଦର୍ଯ୍ୟ ଓ ଚରିତ୍ର ଅନ୍ୟ ଜିନିଷ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ

(i) କିଛି ଚାକିରୀ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ପାଇଁ ଅଧିକ ଉପଯୋଗୀ ।

(j) ଗୃହ ସଂପର୍କିତ କାର୍ଯ୍ୟଗୁଡ଼ିକ ହେଉଛି ସାଧାରଣତଃ ମହିଳା ଏବଂ ବାଳିକା ମାନଙ୍କ ପାଇଁ

(k) ମହିଳା, ଅନ୍ୟନାମ 'ଇର୍ଷାପରାୟଣତା' ।

ଟିପ୍ପଣୀ

### 11.3 ଲିଙ୍ଗଗତ ବିଭେଦତା :-

ଆମେ ସମାଜରେ ପୁଅ ଓ ଝିଅ ମାନଙ୍କ ସମାନ ବ୍ୟବହାର ପ୍ରଦର୍ଶନ କରୁନାହିଁ । ପୁରୁଷ ଓ ମହିଳା ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ପାଇପାରୁନାହାନ୍ତି । କାହିଁକି ? ଏଥିରେ ତୁମର ମତ କିଛି ଦେଇ ପାରିବ କି ? ଏସବୁ କ୍ଷେତ୍ରରେ ମହିଳା ମାନେ ସମାନ ନୁହଁନ୍ତି ବୋଲି ତୁମେ ଭାବୁଛ କି ? ଆମେ ଏହା ଜାଣୁଯେ, ଜଣେ ମହିଳା ବା ଝିଏଟିଏ ତା'ର ସୀମା ବାହାରକୁ କେବେ ଯାଇପାରେ ନାହିଁ । ଏହା ସତ୍ତ୍ୱେ ବି, ଜୀବନର ଅନେକ କ୍ଷେତ୍ରରେ ସେମାନଙ୍କୁ ସୁଯୋଗ ଦିଆଯାଏ ନାହିଁ । ବାଳକ ଓ ବାଳିକା ମାନଙ୍କ ଉପରେ ଲିଙ୍ଗଗତ ବୈଷମତା କିପରି ପ୍ରଭାବ ପକାଏ ସେ ବିଷୟରେ ପଢ଼ିବା ।

#### 11.3.1 ପକ୍ଷପାତିତା ଓ ଲିଙ୍ଗ ହେତୁକ ପକ୍ଷପାତିତା :-

ପ୍ରଥମେ ଆମେ ଗୋଟିଏ କିମ୍ବା ଦୁଇଟି ଉଦାହରଣ ମାଧ୍ୟମରେ "ପକ୍ଷପାତିତା" ର ଅର୍ଥ ବୁଝିବା । ବର୍ତ୍ତମାନ ଆମେ ପାଣିର ବ୍ୟବହାର କ୍ଷେତ୍ରରେ ଦେଖିବା, ଅନେକ ଗ୍ରାମାଞ୍ଚଳରେ ସାଧାରଣତଃ ଅନୁସୂଚିତ ଜାତି ଓ ଜନଜାତିଙ୍କୁ କୂଅରୁ ପାଣି ନେବା ପାଇଁ ସୁଯୋଗ ଦିଆଯାଏ ନାହିଁ, ଯାହା ଅନ୍ୟମାନଙ୍କୁ ଦିଆଯାଏ । ନିକଟସ୍ଥ କୂଅରୁ ସେମାନେ ପାଣି ନ ପାଇବା ଦ୍ୱାରା ସେମାନେ ନିଜକୁ ପୃଥକ ବୋଲି ଭାବନ୍ତି ଓ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହା ହେଉଛି ଜାତି ଭେଦରେ ପକ୍ଷପାତିତା । ବର୍ତ୍ତମାନ ଆମେ ଅନ୍ୟ ଏକ ଉଦାହରଣ ନେଇ ଦେଖିବା - ଯେ ଦୁଇଜଣ ଲୋକଙ୍କ ମଧ୍ୟରେ ସମାନ ସକ୍ଷମତା ଥାଇ ମଧ୍ୟ ଜଣେ କଳା ରଂଗ ହେଲାବେଳେ ଅନ୍ୟଜଣେ ଗୋରା । ଆମେ ଗୋଟାଏ କାର୍ଯ୍ୟ ମାଧ୍ୟମରେ ଏହାକୁ ବାଛିବା । ଆମେ କାହାକୁ ନିର୍ଦ୍ଦିଷ୍ଟ କରି ବାଛି ପାରିବା ନାହିଁ କାରଣ ଏହା ଏକ ପକ୍ଷପାତିତା ବିଚାର ।

ଟିପ୍ପଣୀ

ଜାତିସଂଘର ନିୟମାନୁସାରେ ପକ୍ଷପାତିତାକୁ ନେଇ ଏକ ନିତି ଗ୍ରହଣ କରାଯାଇଛି -

"ପକ୍ଷପାତିତା ବ୍ୟବହାର ବିଭିନ୍ନ ପ୍ରକାର ହେଲେ ମଧ୍ୟ ସେସବୁ ବର୍ଜନୀୟ ଅଟେ ।" ତେଣୁ, ପକ୍ଷପାତିତା ବିଚାର ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିରୁଦ୍ଧାଚରଣ କରେ କାରଣ ବ୍ୟକ୍ତିଟି ଯେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗର ବା ଶ୍ରେଣୀର ହୋଇଥାଏ । ସାଧାରଣତଃ ପକ୍ଷପାତିତା ବା ବିଭେଦତା ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଆବଶ୍ୟକତା ଓ ଗୁଣାବଳୀକୁ ଅସମ୍ମାନିତ କରେ । ତେଣୁ ବିଭେଦତା ବା ପକ୍ଷପାତିତା ହେଉଛି ଏକ ନକାରାତ୍ମକ ଚିନ୍ତାଧାରା । ଏହି ଚିନ୍ତାଧାରା ଗୋଟିଏ ବର୍ଗର ଲୋକଙ୍କର ସପକ୍ଷରେ ଗଲାବେଳେ ଅନ୍ୟ ବର୍ଗର ଲୋକଙ୍କ ବିପକ୍ଷରେ ଯାଏ, କାରଣ ଏହି ପ୍ରତିକୂଳ ମନୋଭାବ ଏକ ଅନ୍ୟାୟସଙ୍ଗତ କାର୍ଯ୍ୟ ଅଟେ । ତୁମେ ତୁମ ଅଞ୍ଚଳରେ ଏଭଳି ପକ୍ଷପାତିତା ବା ବିଭେଦତା ବିଚାର ଦେଖିଛକି ? ସେଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

ବର୍ତ୍ତମାନ ଲିଙ୍ଗହେତୁକ ପକ୍ଷପାତିତା କଥା ବିଚାର କରାଯାଉ । ଜାତିଗତ ବିଭେଦତା ମଧ୍ୟ ଲିଙ୍ଗହେତୁକ ବିଭେଦତା ଉପରେ ପ୍ରଭାବ ପକାଇଥାଏ । ଏହା ହେଉଛି ଏକ ଅସମତା ବ୍ୟବହାର ଯାହାକି ଲିଙ୍ଗ ଭେଦରେ ହୋଇଥାଏ । ଏହି ବିଭେଦତା ବେଳେବେଳ ଲୋକଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଯେକୌଣସି ଅନ୍ୟାୟ, ବିଚାର, ନିୟମ, ପ୍ରଥା କିମ୍ବା ବିଶ୍ୱାସ ଯାହା ନାରୀ ଓ ପୁରୁଷ ମଧ୍ୟରେ ଅସମାନତା ସୃଷ୍ଟିକରେ ସେସବୁ ନାରୀକୁ ଆଗକୁ ବଢ଼ିବାକୁ ଦେଇ ନଥାଏ । ବାଳକ ଓ ବାଳିକାମାନଙ୍କ ପାଇଁ ଅଲଗା ଶୌଚାଳୟର ବ୍ୟବସ୍ଥା ବିଭେଦତାକୁ କମାଇପାରି ନଥାଏ । ବରଂ ଏହା ଲିଙ୍ଗଗତ ସମ୍ବେଦନଶୀଳତାକୁ ସୂଚିତ କରିଥାଏ ।

ଯଦି ଗୋଟିଏ ଝିଅ କୌଣସି ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ତା' ଘରକୁ ଅନୁମତି ମାଗିଥାଏ । ତେବେ ଘରଲୋକେ ଅନୁମତି ଦେଇ ନଥାନ୍ତି କିମ୍ବା ସନ୍ଧ୍ୟା ହେବା ପୂର୍ବରୁ ଘରକୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଏ । କିନ୍ତୁ ବାଳକ ମାନଙ୍କ କ୍ଷେତ୍ରରେ ଏପରି କୌଣସି ପ୍ରକାର କଟକଣା ନଥାଏ ।

ଅନ୍ୟ ଏକ ଉଦାହରଣକୁ ଲକ୍ଷ୍ୟ କରାଯାଉ । କେତେକ ସଂସ୍କୃତିରେ ଝିଅମାନଙ୍କୁ ଡ୍ରାଇଭିଂ କରିବା ପାଇଁ ବାରଣ କାଯାଇଥାଏ ଓ ସେମାନେ କେବଳ ଚିହ୍ନା ପରିଚିତ ପୁରୁଷ ମାନଙ୍କ ସହିତ ଯାଇପାରିବେ । ଯଦି କୌଣସି ପୁରୁଷ ଲୋକଙ୍କୁ ବିଦ୍ୟାଳୟକୁ ଯାଉଥିବା ବାଳିକାମାନଙ୍କ ସଂସ୍ପର୍ଶରେ ଆସିବାକୁ ଦିଆ ନଯାଏ, ତେବେ ତାଙ୍କ ସ୍କୁଲବସ୍ କେହି ଚଳେଇପାରିବେ ନାହିଁ,ଏହା ବାଳିକା ଶିକ୍ଷା ଉପରେ ପ୍ରଭାବ ପକାଇବ ।

ଆମେ ମଧ୍ୟ ଦେଖୁ ପୁଅପିଲାମାନେ ସର୍ବଦା ଖୋଲା ପଡ଼ିଆରେ ବିଭିନ୍ନ ଖେଳ ମୁକ୍ତ ଭାବରେ ଖେଳନ୍ତି । କିନ୍ତୁ ଝିଅମାନଙ୍କୁ ଘର ଭିତରେ ହିଁ ଖେଳିବାକୁ ଅନୁମତି ମିଳିଥାଏ । ବେଳେବେଳ ସେମାନଙ୍କୁ ଘର ଭିତରେ ମଧ୍ୟ ଖେଳିବାକୁ ଅନୁମତି ମିଳିନଥାଏ । ଏହା କ'ଣ ପାଇଁ ଘଟିଥାଏ ? ଏହା କ'ଣ ନ୍ୟାୟ ସଂଗତ କି ?

ଲିଙ୍ଗଭିତ୍ତିକ ବୈଷମ୍ୟତା ପୁରୁଷମାନଙ୍କ କ୍ଷେତ୍ରରେ ମଧ୍ୟ ଦେଖାଯାଇଥାଏ । ଉଦାହରଣ ସ୍ୱରୂପ ବାଳକଟିଏ ଖେଳୁଥିବା ଯଦି ଆଘାତ ପାଏ, ତେବେ ତା'ଠାରୁ କାନ୍ଦିବା ଆଶା କରାଯାଏ ନାହିଁ, କାରଣ ସେ ଜଣେ ବାଳକ କାରଣ ସେମାନଙ୍କୁ ପିଲାଦିନରୁ ଶିକ୍ଷା ଦିଆଯାଇଥାଏ ଯେ, ସେମାନେ କୌଣସି କ୍ଷେତ୍ରରେ ହାରିବେ ନାହିଁ ଏବଂ କୌଣସି ପ୍ରକାର ଗୃହକର୍ମ କରିବେ ନାହିଁ । ଏହା ମଧ୍ୟ ଲିଙ୍ଗଗତ ବୈଷମତାର ଏକ ଉଦାହରଣ । କିନ୍ତୁ ଏହା ଜନସାଧାରଣଙ୍କ କ୍ଷେତ୍ରରେ ଅଧିକ ଦେଖାଯାଇଥାଏ ତେଣୁ ଏହି କ୍ଷେତ୍ରରେ ଆମ୍ଭେ ବାଳିକା ମାନଙ୍କ ଉପରେ ଅଧିକ ଗୁରୁତ୍ୱ ଦେଇଥାଉ । ତେଣୁ ବର୍ତ୍ତମାନ ଯୁଗରେ ଲିଙ୍ଗଗତ ବୈଷମ୍ୟତା କହିଲେ ସ୍ତ୍ରୀ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ବୁଝାଇଥାଏ ।

ଟିପ୍ପଣୀ

### 11.3.2 ଲିଙ୍ଗଭିତ୍ତିକ ବୈଷମ୍ୟତାର ସ୍ୱରୂପ ଓ ଉତ୍ସ :-

ଲିଙ୍ଗ ବୈଷମ୍ୟତା ପ୍ରତ୍ୟକ୍ଷ ବା ପରୋକ୍ଷ ହୋଇପାରେ । ପ୍ରତ୍ୟକ୍ଷ ବୈଷମ୍ୟତାର ଉଦାହରଣ ହେଉଛି – ଯେତେବେଳେ ଆମେ ଶ୍ରେଣୀର ମନିଟର୍ ଚୟନ କରୁ, ଶିକ୍ଷକ ଭାବନ୍ତି ଯେ ଜଣେ ବାଳିକା ମନିଟର୍ ଅପେକ୍ଷା ବାଳକ ମନିଟର୍ କରିବା ଭଲ । ଠିକ୍ ସେହିପରି ଜଣେ ମହିଳା ଗର୍ଭବତୀ ଥିଲେ, ତାଙ୍କୁ କାର୍ଯ୍ୟରେ ନିୟୋଜିତ ନ କରି ବାହାର କରିଦିଆଯାଏ । ଏହା ମଧ୍ୟ ପ୍ରତ୍ୟକ୍ଷ ଲିଙ୍ଗ ବୈଷମ୍ୟତାର ଏକ ଉଦାହରଣ ।

ଠିକ୍ ସେହିପରି ପରୋକ୍ଷ ବୈଷମ୍ୟତାର ଏକ ଉଦାହରଣ ହେଲା – ଯଦି ଜଣେ ନିୟୋଜକ କେବଳ ପୁରୁଷ କର୍ମୀଙ୍କ ନମନ୍ତେ ନୂତନ ଆସବାବପତ୍ର ଆଣନ୍ତି ଓ ମହିଳା କର୍ମୀଙ୍କ ନିମନ୍ତେ ଆଣନ୍ତି ନାହିଁ ।

୧. ଲିଙ୍ଗଭିତ୍ତିକ ବୈଷମ୍ୟତାର ସ୍ୱରୂପ ଓ ଉତ୍ସ

୨. ପରିବାର ଏବଂ ପିତାମାତା

୩. ସରକାରୀ ନିୟମ

୪. ଶୈକ୍ଷିକ ସୁଯୋଗ

୫. ପୋଷଣ, ସ୍ୱାସ୍ଥ୍ୟ ଏବଂ ଅବକାଶ

୬. ଆଇନ କାନୁନ୍

୭. ?

୮. ଶିକ୍ଷା ପାଠ୍ୟପୁସ୍ତକ ପାଠ୍ୟକ୍ରମ ଏବଂ ଶିକ୍ଷକ

୯. ସମ୍ପତ୍ତି, ସମ୍ବଳ ଏବଂ ସମ୍ପତ୍ତି ଉପରେ ନିୟନ୍ତ୍ରଣ

୧୦. ଗୃହ ମଧ୍ୟରେ କାମର ବିଭାଜନ

୧୧. ନିଯୁକ୍ତି ପଦୋନ୍ନତି ସ୍ଥାପନ




ଚିତ୍ର – ୪ (ଲିଙ୍ଗଗତ ବୈଷମ୍ୟତାର ଉତ୍ସ)

ଲିଙ୍ଗଭିତ୍ତିକ ବୈଷମ୍ୟତା ମହିଳା ଓ ବାଳିକା ମାନଙ୍କ ପାଇଁ ଗୋଟିଏ ସଂସ୍କୃତିରୁ ଅନ୍ୟ ଏକ ସଂସ୍କୃତିକୁ ପରିବର୍ତ୍ତନ ହେଲାବେଳେ ବିଭିନ୍ନ ରୂପ ଧାରଣ କରିଥାଏ । ଏହି ବିଭେଦତା ବିଭିନ୍ନ ଉତ୍ସରୁ ଉତ୍ପତ୍ତି ହୋଇଥାଏ । ଏହା ପରିବାରରୁ ଆରମ୍ଭ ହୋଇ ବିଦ୍ୟାଳୟ, ସାଧାରଣ ସ୍ଥାନ, କାର୍ଯ୍ୟସ୍ଥଳୀ, ଚାକିରୀ ପାଇଁ ନିଯୁକ୍ତି, ପୋଲିସ ଷ୍ଟେସନ, କୋର୍ଟ, ରାଜନୈତିକ ଦଳ, ପାର୍ଲ୍ୟାମେଣ୍ଟ, ବ୍ୟବସ୍ଥାପିକା ଇତ୍ୟାଦି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ । ଚିତ୍ର – ୪ ରେ ବିଭିନ୍ନ ଲିଙ୍ଗଗତ ବୈଷମ୍ୟତାର ଉତ୍ସ ଗୁଡ଼ିକ ପ୍ରଦର୍ଶିତ ହୋଇଅଛି । ଚିତ୍ରଗୁଡ଼ିକୁ ଧ୍ୟାନର ସହିତ ଦେଖ ଓ ପ୍ରତ୍ୟେକ ଲିଙ୍ଗଗତ ବୈଷମ୍ୟର ଉତ୍ସରୁ ଦୁଇଟି ଲେଖାଏଁ ଉଦାହରଣ ଉପସ୍ଥାପନ କର ।






ଗୋଟିଏ ଶିଶୁକନ୍ୟା ଜନ୍ମ ହେବା ପୂର୍ବରୁ ହିଁ ଲିଙ୍ଗ ବୈଷମ୍ୟତା ଆରମ୍ଭ ହୋଇଥାଏ । ଏହାର ଜ୍ୱଳନ୍ତ

ଟିପ୍ପଣୀ

ଦୃଷ୍ଟାନ୍ତ ମାନ ବହୁଳଭାବରେ ଦେଖିବାକୁ ମିଳେ ଯେ ଲୋକମାନେ ନିୟମ ବିରୁଦ୍ଧରେ ଯାଇ ଭୃଣ ହତ୍ୟା କାର୍ଯ୍ୟ କରିଥାନ୍ତି ସମାଜରେ ପିତାମାତା ମାନେ ସାଧାରଣତଃ ବାଳକ ଶିଶୁକୁ ଅଧିକ ଆଦର ଯତ୍ନ କରିଥାନ୍ତି । କନ୍ୟାମାନେ ପରିବାରରେ ଅବହେଳିତ ଥାଆନ୍ତି, କିନ୍ତୁ ପୁଅମାନଙ୍କୁ ପରିବାରରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥାଏ । ପୁନଶ୍ଚ ସ୍ୱାସ୍ଥ୍ୟ ଓ ପୋଷଣ ଦୃଷ୍ଟିରୁ କନ୍ୟା ମାନେ ସାଧାରଣତଃ ଅବହେଳିତ ହୋଇଥାନ୍ତି । ଏହାର ଫଳ ସ୍ୱରୂପ କନ୍ୟା ଶିଶୁ ମାନଙ୍କର ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏପରିକି କନ୍ୟା ମାନଙ୍କୁ ମଧ୍ୟ ଶିକ୍ଷା କ୍ଷେତ୍ରରେ ସୁଯୋଗ ଦିଆଯାଉନାହିଁ, ଯାହ ଫଳରେ ସେମାନେ ନିରୁତ୍ସାହିତ ହୋଇପାରିଥା'ନ୍ତି ଓ ନିଜର ପସନ୍ଦ ଭିତ୍ତିକ ପାଠ ପଢ଼ି ପାରନ୍ତି ନାହିଁ । ଏପରିକି ଉଚ୍ଚ ଶିକ୍ଷା ପାଇଁ ମଧ୍ୟ ସେମାନଙ୍କୁ ନିରୁତ୍ସାହିତ କରିବା ବହୁଳ ପରିମାଣରେ ଦେଖାଯାଏ । ନିଯୁକ୍ତି କ୍ଷେତ୍ରରେ ମଧ୍ୟ ନାରୀମାନଙ୍କ ଅପେକ୍ଷା ପୁରୁଷ ମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି ।

ପରିବାରରେ ମଧ୍ୟ ଏହି ଲିଙ୍ଗଭିତ୍ତିକ ବିଭେଦତା ବହୁଳ ପରିମାଣରେ ଦେଖାଯାଏ । ଏହି ଅସମତା ମଧ୍ୟ କନ୍ୟା ମାନଙ୍କୁ ପରିବାର ଦାୟିତ୍ୱ, ପିଲାମାନଙ୍କର ଦାୟିତ୍ୱ ଓ ଗୃହକର୍ମ କରିବା ପାଇଁ ବନ୍ଦୀ ଭାବେ ରଖାଯାଇଥାଏ । ଏହାର ପ୍ରଭାବ ବାଳିକା ଏବଂ ମହିଳା ମାନଙ୍କର ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଦେଖାଯାଏ । ଏହା ସେମାନଙ୍କୁ ବାହାର ଦୁନିଆ ବିଷୟରେ ବୁଝିବା ଶକ୍ତିକୁ ସଂକୁଚିତ କରିଦିଏ । ଏହା ମଧ୍ୟ ବିଭିନ୍ନ ବୃତ୍ତିଗତ କ୍ଷେତ୍ରରେ ସେମାନଙ୍କୁ ନିଜର ଜ୍ଞାନ ଓ ବୁଝିବା ଶକ୍ତିକୁ ପ୍ରଭାବିତ କରିଥାଏ ।

ଏପରିକି ବହୁତ ଛୋଟ ଝିଅ ମାନଙ୍କୁ ମଧ୍ୟ ଗୃହ କାର୍ଯ୍ୟ, ନିଜର ସାନ ଭାଇ ଭଉଣୀ ମାନଙ୍କ ଦାୟିତ୍ୱରେ ନିୟୋଜିତ କରାଯାଇ ଘରେ ରହିବାକୁ ବାଧ୍ୟ କରାଯାଏ । ବାଲ୍ୟକାଳରୁ ଏହାର ପ୍ରଭାବ ସେମାନଙ୍କ ଶିକ୍ଷା ଓ ଭବିଷ୍ୟତ ଜୀବନ ଉପରେ ପଡ଼ିଥାଏ । ବହୁ କ୍ଷେତ୍ରରେ ମଧ୍ୟ ବାଳିକାମାନେ ଯୌବନ ପ୍ରାପ୍ତ ହେବାପରେ ସେମାନଙ୍କୁ ସ୍କୁଲ ଯିବାପାଇଁ ବାରଣ କରାଯାଏ । ଏପରିକି କନ୍ୟାମାନେ ପୁତ୍ର ସନ୍ତାନଟିଏ ଜନ୍ମ ନକଲେ ମଧ୍ୟ ଅତ୍ୟାଚାରର ଶିକାର ହୁଅନ୍ତି । ପୁନଶ୍ଚ ଅପପୁଷ୍ଟି ଯୋଗୁଁ ଅନେକ କନ୍ୟା ସନ୍ତାନ ମୃତ୍ୟୁ ମୁଖରେ ପଡ଼ନ୍ତି । ଏପରିକି ଦେଖାଯାଏ ନିଜର ପିତାମାତାମାନେ ମଧ୍ୟ କନ୍ୟା ସନ୍ତାନଟିକୁ ମାରି ଦେଇଥା'ନ୍ତି । ଏହା ହେଉଛି ଲିଙ୍ଗଗତର ବିଭେଦତାର ବହୁ ଜଣାଶୁଣା କଥା ।

ଯେତେବେଳେ ଶିକ୍ଷା କ୍ଷେତ୍ରରେ ପାଠବସ୍ତୁ ଚୟନ କରାଯାଏ ସେତେବେଳେ ଲିଙ୍ଗଗତ ଭେଦଭାବ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସାଧାରଣତଃ ଯେଉଁ ଶିକ୍ଷାରେ ବାଳିକାମାନଙ୍କୁ ଘରଠାରୁ ଦୂରରେ ରହିବାକୁ ପଡ଼ିଥାଏ ସେହି ପାଠ ବସ୍ତୁ ଚୟନରେ ସେମାନଙ୍କୁ ବିରୋଧ କରାଯାଏ । ଅନେକ ଲୋକ ଭାବନ୍ତି ଯେ ମେକାନିକାଲ ଇଂଜିନିୟରିଂ ଶିକ୍ଷା ବାଳିକା ମାନଙ୍କ ପାଇଁ ଉପଯୁକ୍ତ ନୁହେଁ । କେତେକ ନିର୍ଦ୍ଦିଷ୍ଟ ଚାକିରୀ ଯଥା :- କ୍ଲରିକାଲ, ଶିକ୍ଷକତା, ନର୍ସ ଏବଂ ଗୃହିଣୀ କାର୍ଯ୍ୟ ପ୍ରଭୃତିକୁ ଅଯୌକ୍ତିକ ଭାବେ ବେଶ୍ ଉପଯୋଗୀ ବୋଲି ବିବେଚନା କରାଯାଏ ।

ସାଧାରଣତଃ ଯାତ୍ରା ଓ ପରିଚାଳନା କ୍ଷେତ୍ରରେ ବାରଣ, ଜୀବିକା ନିର୍ବାହ ପାଇଁ ନିରୁତ୍ସାହିତ କରିବା, ସଂପତ୍ତିଗତ ଅଧିକାର ପାଇଁ ବାରଣ କରିବା, ଇଙ୍ଗୀତ କରିବା, ନିଜ ଇଚ୍ଛା ଅନୁସାରେ ଚାକିରୀ କରିବାକୁ ବାରଣ କରିବା, ଅଭିବ୍ୟକ୍ତି ପ୍ରଦର୍ଶନ ପାଇଁ ସୁଯୋଗ ନଦେବା, କାର୍ଯ୍ୟସ୍ଥଳୀରେ ଯୌନ ନିର୍ଯ୍ୟାତନା, ଘରୋଇ ହିଂସା, ଅପବ୍ୟବହାର କରିବା ହେଉଛି ଲିଙ୍ଗ ବୈଷମ୍ୟତାର ଅନ୍ୟ କେତେକ ରୂପ । ଏହି ଲିଙ୍ଗ ବିଭେଦତା ମଧ୍ୟ ଅନ୍ୟ କେତେକ କାର୍ଯ୍ୟାବସ୍ଥାରେ ପ୍ରମୁଖ ଭୂମିକା ନିର୍ବାହ କରେ । ଏହା ମଧ୍ୟ ଦରମା ପାଇବା, ଘରଭଡ଼ା, ପଦୋନ୍ନତି ଓ ବୋନସ୍ ପାଇବା କ୍ଷେତ୍ରରେ ଦେଖାଯାଏ । ଏହି ବିଭିନ୍ନତା ମଧ୍ୟ ଆଡମିସନ୍, ଚୟନ ଏବଂ ନିଯୁକ୍ତି ବା ଖେଳ ଏବଂ ଶୈକ୍ଷିକ ସୁଯୋଗ କ୍ଷେତ୍ରରେ ଦେଖାଯାଏ ।

ଟିପ୍ପଣୀ

ସଂପତ୍ତିର ମାଲିକାନା (Ownership) ଏବଂ ସମ୍ପତ୍ତିର ବ୍ୟବହାରରେ ମଧ୍ୟ ଆମେ ଲିଙ୍ଗଗତ ବିଭେଦତା ଅନୁଭବ କରୁ । ମହିଳାମାନଙ୍କ ସ୍ୱର ଉତ୍ତୋଳନରେ ଅନୁପସ୍ଥିତି ହେତୁ ସେମାନଙ୍କୁ ବାଣିଜ୍ୟ କ୍ଷେତ୍ରରେ, ଅର୍ଥନୈତିକ କ୍ଷେତ୍ରରେ, ସାମାଜିକ କ୍ଷେତ୍ରରେ ଅଂଶଗ୍ରହଣକୁ କମେଇ ଦେଇଥାଏ । ଏହି ପ୍ରକାର ଅସମତା ବିଶ୍ୱର ପ୍ରାୟ ସବୁ ଅଂଶରେ ଦେଖାଯାଉଥିଲେ ମଧ୍ୟ ଅଞ୍ଚଳ ଭିତ୍ତିରେ ଏଥିରେ ପାର୍ଥକ୍ୟ ଦେଖାଯାଏ ।

ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ବାଳକ ଓ ବାଳିକାମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ପରିଲକ୍ଷିତ ହୁଏ । ପ୍ରଥମତଃ ପାଠ୍ୟପୁସ୍ତକ ଗୁଡ଼ିକରେ ବାଳକମାନଙ୍କୁ ଶକ୍ତ ଓ ଦୃଢ଼ ଏବଂ ଦକ୍ଷତାଭିତ୍ତିକ ଏବଂ ସାହସୀ ବୋଲି ମନେ କରାଯାଉଥିବା ବେଳେ ବାଳିକାମାନେ କୋମଳ ଏବଂ ଗୃହକାର୍ଯ୍ୟ ପାଇଁ ପ୍ରଯୁଜ୍ୟ ବୋଲି ଧରାଯାଏ । ଦ୍ୱିତୀୟତଃ ବାଳକ ଓ ବାଳିକାମାନଙ୍କ ୟୁନିଫର୍ମ ମଧ୍ୟ ସମାନ ନୁହେଁ । ଯାହାକି ବାଳିକାମାନଙ୍କୁ ସବୁ କାର୍ଯ୍ୟ କରିବାରେ ସୁବିଧାଜନକ ହୋଇନଥାଏ । ଯେପରିକି ଖେଳିବା, ଗଛ ଚଢ଼ିବା ଇତ୍ୟାଦି । ଏହି କାରଣକୁ ମଧ୍ୟ ସବୁବେଳେ ଅଣଦେଖା କରାଯାଏ । ତୃତୀୟତଃ ବିଦ୍ୟାଳୟ ପରିବେଶରେ ଲିଙ୍ଗଦୃଷ୍ଟିରୁ ବାଳିକାମାନଙ୍କୁ ସବୁ ନିୟମ ପାଳନ କରିବାକୁ କୁହାଯାଏ । ଯେତେବେଳେ କି ପୁଅମାନେ କୌଣସି ଜିନିଷ, ମାର୍କ ଇତ୍ୟାଦି ପାଇଲେ ବା ଅସଫଳ ହେଲେ ହିଂସାତ୍ମକ କାର୍ଯ୍ୟ କରନ୍ତି ।

ମୂଳତଃ ଲିଙ୍ଗ ବୈଷମ୍ୟତା ଝିଅମାନଙ୍କ ସ୍ୱାଧୀନତାକୁ ସ୍ୱୀକୃତି ଦେଇନଥାଏ ।

ଉପରୋକ୍ତ ସମସ୍ତ ଉଦାହରଣରୁ ଜଣାଯାଏ ଯେ, ଅନେକ କ୍ଷେତ୍ରରେ ଲିଙ୍ଗ ବୈଷମ୍ୟତା ଦେଖାଯାଏ ଯେପରିକି ସାମାଜିକ ଅନୁଷ୍ଠାନ, ସଂସ୍କୃତି, ବିବାହ ଇତ୍ୟାଦି । ଛାଡ଼ପତ୍ର ଓ ଉତ୍ତରାଧିକାରୀ କ୍ଷେତ୍ରରେ ମଧ୍ୟ ନାରୀମାନେ ସମାନ ଅଧିକାର ପାଆନ୍ତି ନାହିଁ । କେତେକ କ୍ଷେତ୍ରରେ/ଅଞ୍ଚଳରେ ସମାନ କାମ ପାଇଁ ଝିଅମାନେ ପୁଅମାନଙ୍କଠାରୁ କମ୍ ଦରମା ପାଆନ୍ତି । ପିତାମାତା ମଧ୍ୟ ଚାକିରୀ କରିବା ନିମନ୍ତେ ଝିଅମାନଙ୍କୁ ଉତ୍ସାହିତ କରିନଥାନ୍ତି ।

### 11.3.3 ଲିଙ୍ଗ ବୈଷମତାର କାରଣ :-

ଲିଙ୍ଗ ବୈଷମତାର ପ୍ରକୃତ କାରଣ ନିର୍ଣ୍ଣୟ କରିବା କଷ୍ଟ ହେଲେ ମଧ୍ୟ ଏହାର କିଛି କାରଣ ରହିଛି । ଯେପରିକି ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ଐତିହାସିକ ଇତ୍ୟାଦି କାରଣ ।

ମାନବ ଅଧିକାର ଅନୁଯାୟୀ ଲିଙ୍ଗ ବୈଷମ୍ୟତାର କାରଣ ହେଉଛି ଧର୍ମ । ଅନେକ ଧର୍ମରେ ନାରୀ ମାନଙ୍କୁ ପୁରୁଷମାନଙ୍କ ତଳେ ରଖାଯାଏ ଯାହା କି ତାଙ୍କ ମଧ୍ୟରେ ଅସମାନତା ସୃଷ୍ଟି କରେ । ଅନେକ ଧର୍ମରେ ତାଙ୍କର କିଛି ସ୍ୱତନ୍ତ୍ର ନିୟମ ରହିଛି ଯେଉଁଥିରେ ନାରୀମାନଙ୍କ ନିମନ୍ତେ ଖୁବ୍ କମ୍ ଅଧିକାରଥାଏ ।

କିଛି ସଂସ୍କୃତିରେ ମଧ୍ୟ ନାରୀ ଓ ପୁରୁଷ ମଧ୍ୟରେ ବିଭେଦତା ଲକ୍ଷ୍ୟ କରାଯାଏ । ବୈଷମ୍ୟତାର ନିଶେଧାଦେଶକୁ କେତେକ ଧର୍ମ ଦ୍ୱାରା ବିରୋଧ କରନ୍ତି ଏବଂ କେତେକ ଅନୁଗାମୀ ମାନଙ୍କ ଦ୍ୱାରା ଏହା ପୁନଶ୍ଚ ବିନା ଦ୍ୱିଧାରେ ଆଚରିତ ହୋଇଥାଏ । ପ୍ରାୟ ସମସ୍ତ ଧର୍ମ ଗୁଡ଼ିକର ନିଜର ବ୍ୟକ୍ତିଗତ ନିୟମ ଥାଏ ଏବଂ ଏହି ସମସ୍ତ ନିୟମ ଗୁଡ଼ିକ ନାରୀ ଅଧିକାରକୁ କ୍ୱଚିତ୍ ମାତ୍ରାରେ ଗୁରୁତ୍ୱ ଦେଇଥାନ୍ତି । ତୁମେ ଏପରି କିଛି ଧର୍ମାଭ୍ୟାସ ବିଷୟରେ ଲିପ୍ତ କି ? ତୁମେ କୌଣସି ଧର୍ମରେ ହେଉଥିବା ଏପରି ଲିଙ୍ଗଗତ ପକ୍ଷପାତ ବିଷୟରେ ଜାଣିଛ କି ?

ଯେହେତୁ ଏଥିରୁ ଆମେ ଶିକ୍ଷା କରିଲେ ଯେ, ଲିଙ୍ଗ ହେଉଛି ସମାଜ ଓ ସଂସ୍କୃତିରୁ ଗଠିତ । ସଂସ୍କୃତି ଆମର କାର୍ଯ୍ୟ ଓ ଭାବନାକୁ ନିୟନ୍ତ୍ରିତ କରେ । ପୁରୁଷ ମାନଙ୍କର ଶ୍ରେଷ୍ଠତା ଓ ନାରୀ ମାନଙ୍କର ନିମ୍ନତା ସାଧାରଣତଃ ଏହି ସଂସ୍କୃତି ଦ୍ୱାରା ନିର୍ମିତ ହୋଇଛି ।

ଟିପ୍ପଣୀ

ପିଲାମାନଙ୍କର ଲାଳନ ପାଳନ ଏବଂ ଆଦ୍ୟ ସାମାଜିକ ଅବସ୍ଥାରେ ସେମାନଙ୍କର ପଥପ୍ରଦର୍ଶକଙ୍କ ଚିନ୍ତାଧାରା ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ବହୁଭାବରେ ପ୍ରଭାବ ପକାଏ । କେତେକ କ୍ଷେତ୍ରରେ ପିତାମାତା ମଧ୍ୟ ସେମାନଙ୍କ ପିଲାଙ୍କ ପାଇଁ ଆଦର୍ଶ ଭାବେ କାର୍ଯ୍ୟ କରିଥାନ୍ତି । ପରିବାରରେ ବାପା ମାଆ ମାନେ ପାରମ୍ପରିକ ସାମାଜିକ ପ୍ରଥାକୁ ମାନି ଚଳିବା ପାଇଁ ଝିଅମାନଙ୍କୁ ବାଧ୍ୟ କରନ୍ତି । ଶୈଶବାବସ୍ଥାରୁ ଆଦ୍ୟାବାଲ୍ୟାବସ୍ଥା ଭିତରେ ପୁଅ ଓ ଝିଅମାନେ ସେମାନଙ୍କଠାରୁ ଆଶା କରାଯାଉଥିବା କାର୍ଯ୍ୟ ଏବଂ ଆଚରଣ ବିଷୟରେ ଜାଣି ପାରିଥା'ନ୍ତି । ପୁଅ ଓ ଝିଅମାନଙ୍କୁ ସେମାନଙ୍କ ଜନ୍ମହେବା ପରଠାରୁ ହିଁ ଅଲଗା ଭାବେ ଆଚରଣ କରାଯାଇଥାଏ । ପିତାମାତାମାନେ ନିଜର ନବଜନ୍ମିତ କନ୍ୟା ସନ୍ତାନକୁ ସରଳ, ମନମୁଗ୍ଧକାରୀଣୀ, ଛୋଟ, ଦୁର୍ବଳ ବିବେଚନା କରୁଥିବାବେଳେ; ପୁତ୍ର ସନ୍ତାନଟିକୁ ଦୃଢ଼, ସବଳ ବୋଲି ଭାବିଥା'ନ୍ତି । ଏହା ସହିତ ସେମାନଙ୍କର ନବଜନ୍ମିତ ପୁତ୍ର ଓ କନ୍ୟା ସନ୍ତାନ ମାନଙ୍କ ସହ ପୃଥକ୍ ଭାବେ ଆଚରଣ ପ୍ରଦର୍ଶନ କରିଥା'ନ୍ତି ।

ପିତାମାତାମାନେ ସେମାନଙ୍କ ନିଜ ସନ୍ତାନମାନଙ୍କ ମଧ୍ୟରେ କିପରି ଏପରି ପୃଥକତା କରନ୍ତି, ତାହା ଆମେ ଆଲୋଚନା କଲେ ବୋଧହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଲିଙ୍ଗ ବିଷୟରେ ଥିବା ଏହି ପରମ୍ପରାଗତ ଧାରଣା ଲୋକମାନଙ୍କର ଆଶା ଓ ବିଶ୍ୱାସର ଏକ ଅଂଶ । ବାଳକ ଓ ବାଳିକାମାନେ ଅଲଗା ଅଲଗା ପ୍ରକାରର ଖେଳଣା ଜିନିଷ ପାଇଥା'ନ୍ତି । ଝିଅମାନଙ୍କୁ ଅଧିକ ସୁରକ୍ଷିତ କରାଯାଇଥାଏ ଏବଂ ସେମାନଙ୍କୁ କଟକଣା ଓ ଆୟତ୍ତରେ ରଖାଯାଇଥାଏ । ପୁଅମାନଙ୍କୁ ନିର୍ଭୀକ, ଦକ୍ଷ ଓ ସାହସୀ ହେବାପାଇଁ ଉତ୍ସାହିତ କରାଯାଇଥାଏ । ପିତାମାତାମାନେ ମଧ୍ୟ ସେମାନଙ୍କ ପୁଅ ଓ ଝିଅଠାରୁ ଅଲଗା ଆଶା ରଖିଥାଆନ୍ତି । ପିତାମାତାମାନେ ନିଜର ପୁଅ ଝିଅମାନଙ୍କୁ ଲିଙ୍ଗଭିତ୍ତିକ ଉପଯୁକ୍ତ ଆଚରଣ ଶିକ୍ଷା ଦେଇଥା'ନ୍ତି । ଯେତେବେଳେ ସେମାନଙ୍କ ଆଶାନୁରୂପ କାର୍ଯ୍ୟପିଲାମାନେ କରିନଥା'ନ୍ତି; ସେମାନେ ତାଙ୍କୁ ଦଣ୍ଡବିଧାନ କରିଥା'ନ୍ତି ।

ଝିଅମାନେ ସେମାନଙ୍କ ପିତାମାତାଙ୍କ ଦ୍ୱାରା ବନ୍ଧନରେ ରହନ୍ତି ବୋଲି ଉପଲବ୍ଧି କରିଥା'ନ୍ତି । ସେହି ହେତୁ ସେମାନେ ନିଜର ଶିକ୍ଷା ସ୍ୱାସ୍ଥ୍ୟ ଓ ବିକାଶକୁ ଉପଯୋଗ କରିବାକୁ ଇଚ୍ଛାକରନ୍ତି ନାହିଁ । ଶିକ୍ଷାର ଏକ କ୍ଷୁଦ୍ରସ୍ତର ସେମାନଙ୍କୁ ଦରିଦ୍ରତା, ନିର୍ଭରଶୀଳ ଓ ନିମ୍ନମାନରେ ବଞ୍ଚିବା ପାଇଁ ବାଧ୍ୟ କରିଦିଏ । ଏହି ନିମ୍ନତା ଭବିଷ୍ୟତରେ ନାରୀଟିକୁ ପୁରୁଷ ଉପରେ ନିର୍ଭରଶୀଳ ହୋଇ ରହିବାକୁ ବାଧ୍ୟ କରିଥାଏ । ଅଳ୍ପଶିକ୍ଷା ହେତୁ ପରିସ୍ଥିତି ସଂଘର୍ଷ ପୂର୍ଣ୍ଣ ରହେ ଓ ସେମାନେ ଉନ୍ନତି କରିପାରନ୍ତି ନାହିଁ । ଏପରି କିଛି ବହି ଓ ଗପ ପିଲାମାନେ ପଢ଼ନ୍ତି ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ଲିଙ୍ଗଗତ ବିଭେଦତାର ଧାରଣା ମଜଭୁତ୍ ହୋଇଥାଏ । ବାଳିକାମାନଙ୍କ ମଧ୍ୟରେ ଅସାଧାରଣ ଲୁକ୍କାୟିତ ପ୍ରତିଭା ଥିଲେ ମଧ୍ୟ ପୁଅମାନଙ୍କୁ ସର୍ବଶ୍ରେଷ୍ଠ ବୋଲି ଗଣନା କରାଯାଏ । ଶିକ୍ଷାନୁଷ୍ଠାନ, ଶିକ୍ଷକ ଓ ପାଠ୍ୟକ୍ରମ ମଧ୍ୟ ଲିଙ୍ଗଗତ ବିଭେଦତାକୁ ପ୍ରୋତ୍ସାହନ ଦେଇଥା'ନ୍ତି । ପୁଅ ଓ ଝିଅମାନେ ଗୋଟିଏ ଶ୍ରେଣୀରେ ବସନ୍ତି, ଏକା ପ୍ରକାର ବହି ପଢ଼ନ୍ତି, ସମାନ ଶିକ୍ଷକଙ୍କ ପାଖରେ ପଢ଼ି ମଧ୍ୟ ପୃଥକ୍ ଭାବେ ଶିକ୍ଷିତ ହୁଅନ୍ତି । ଅଶିକ୍ଷିତ ହେବା, ଜାତିଆଣ ମନୋଭାବ, ପାରିବାରିକ ମର୍ଯ୍ୟାଦା, ଆୟସ୍ତର ଏବଂ ସାମାଜିକ ସ୍ଥିତି ଗୁଡ଼ିକର ଅନ୍ୟ ଏକ କାରଣ ହେଉଛି ଲିଙ୍ଗଗତ ପ୍ରଭେଦତା ସୃଷ୍ଟି । ଏହା ପୁରୁଷମାନଙ୍କର ପ୍ରଭାବ ବିସ୍ତାରକୁ ପ୍ରୋତ୍ସାହନ କରିଥାଏ ।

ଯେହେତୁ ବର୍ତ୍ତମାନ ତୁମେ ବୁଝିସାରିଲଣି ଯେ, ଲିଙ୍ଗଗତ ବିଭେଦତା ଅନେକ କ୍ଷେତ୍ରରୁ ସୃଷ୍ଟି ହୋଇଥାଏ । ସେଗୁଡ଼ିକ ମଧ୍ୟ ବିଭିନ୍ନ ପ୍ରକାରରେ ଦୃଢ଼ୀଭୁତ ହୁଏ । ବାଳିକାମାନଙ୍କ ପାଇଁ ସମାନତାର ସୁଯୋଗ ସେତେବେଳେ ଆସିବ ଯେତେବେଳେ ଅଭିଭାବକ, ବିଦ୍ୟାଳୟ, ଲୋକପ୍ରତିନିଧି, ଗଣମାଧ୍ୟମ, ସାମାଜିକ ସଂସ୍ଥାମାନେ ସମଅଧିକାରକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ । ପିତାମାତାମାନେ ଗୃହରେ ତଥା ଶିକ୍ଷାକ୍ଷେତ୍ରରେ ବାଳିକାମାନଙ୍କର ସଶକ୍ତି କରଣକୁ ନିଶ୍ଚିତ କରିବେ । ସରକାର, ପ୍ରଶାସନ, ବିଦ୍ୟାଳୟ, ଶିକ୍ଷକ ବାଳିକାମାନଙ୍କୁ ଶିକ୍ଷାକ୍ଷେତ୍ରରେ ତଥା



ଟିପ୍ପଣୀ

ସାମାଜିକ କ୍ଷେତ୍ରରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବେ । ଯେତେବେଳେ ଏହା ଘଟିବ ସେତେବେଳେ ଲିଙ୍ଗଗତ ସମାନତା ଦୃଢ଼ୀଭୁତ ହେବ ।

**ଲିଙ୍ଗଗତ ବୈଷମ୍ୟତାର ଇତିହାସ ଓ ପୃଷ୍ଠଭୂମି :**

ଲିଙ୍ଗଗତ ବୈଷମ୍ୟତାକୁ ବର୍ଣ୍ଣନା କରିବା ପାଇଁ ଅନେକ ତଥ୍ୟ ରହିଛି । ଭୌତିକ ସିଦ୍ଧାନ୍ତ (Materialist Theories) ହେଉଛି ଲିଙ୍ଗଭିତ୍ତିକ ଅସମାନତାର ଏକ ବଳିଷ୍ଠ ବର୍ଣ୍ଣନା । ଏହି ତଥ୍ୟ ସମାଜରେ ପୁରୁଷ ଓ ମହିଳା ମାନଙ୍କର ସାଂସ୍କୃତିକ ସ୍ଥିତିରେ ବିଭେଦତାକୁ ବ୍ୟବହାର କରି ଲିଙ୍ଗଗତ ଅସମାନତାକୁ ବର୍ଣ୍ଣନା କରେ । ଏହି ତଥ୍ୟର ଉଦ୍ଭାବକମାନେ ସମାଜର ସାମାଜିକ  ଓ ଅର୍ଥନୈତିକ ଅବସ୍ଥାର,ଦୃଢ଼ୀକରଣ ପାଇଁ ଲିଙ୍ଗଗତ ବୈଷମ୍ୟତା ପୁରୁଷ ଓ ନାରୀମାନଙ୍କୁ ଏକତ୍ରିତ କରି ରଖିଥାଏ ବୋଲି ଯୁକ୍ତି ଉପସ୍ଥାପନା କରିଥା'ନ୍ତି । ସେମାନେ ମୂଲ୍ୟବାନ ସମ୍ବଳ ଗୁଡ଼ିକର ନିୟନ୍ତ୍ରଣକୁ ବଣ୍ଟନ ଉପରେ ଗୁରୁତ୍ୱ ଦେବାହିଁ ପୁରୁଷମାନଙ୍କୁ ସୁବିଧାଜନକ ପଦବୀରେ ସ୍ଥାନିତ କରିଥାଏ । ଅର୍ଥନୈତିକ ଅସମାନତା, ନିର୍ଭରଶୀଳତା, ରାଜନୈତିକ ବିଶୃଙ୍ଖଳା ଏବଂ ସାମାଜିକ ସମ୍ବନ୍ଧର ଦୁର୍ବଳତା ହେଉଛନ୍ତି ମହିଳା ଓ ପୁରୁଷ ମଧ୍ୟରେ ଲିଙ୍ଗଗତ ଅସମାନତାର କାରଣ । ଏହି ମତ ସବୁବେଳେ ମହିଳାମାନଙ୍କର ଅଧସ୍ତନତାକୁ ବାଧ କରିଥାଏ ।

ପରିବାରର ଉନ୍ନତି ପାଇଁ ବିଭାଗୀକରଣ ଅତ୍ୟନ୍ତ ଆବଶ୍ୟକ । ଉଦାହରଣ ସ୍ୱରୂପ; ଝିଅମାନେ ସବୁବେଳେ ଘରକାମରେ ଲିପ୍ତ ରହୁଥିବା ବେଳେ ପୁରୁଷମାନେ ସବୁବେଳେ ଘର ବାହାରେ କାର୍ଯ୍ୟ କରିଥା'ନ୍ତି । ଏହିପରି କାର୍ଯ୍ୟପାଇଁ ମହିଳାମାନଙ୍କୁ ବାଧ କରାଯାଏ ଯାହାଫଳରେ ପୁରୁଷମାନେ ଆଧିପତ୍ୟ ବିସ୍ତାର କରିବା ପାଇଁ ସୁଯୋଗ ପା'ନ୍ତି । ଫଳରେ ପୁରୁଷମାନେ ସବୁବେଳେ ସମ୍ପତ୍ତି, ସତ୍ତା ଏବଂ ସମ୍ମାନର ଅଧିକାରୀ ହୋଇଥା'ନ୍ତି ।

ପିଲାମାନଙ୍କ ତଦାରଖ, ଗୃହସ୍ଥ କାର୍ଯ୍ୟ ଗୁଡ଼ିକ ମହିଳା ମାନଙ୍କୁ ସେମାନଙ୍କର ବାହ୍ୟଦୁନିଆରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ତଥା ମୂଲ୍ୟବାନ ସମ୍ବଳଗୁଡ଼ିକ ଉପରେ ନିୟନ୍ତ୍ରଣ ତଥା ବିନିଯୋଗ କରିବା, ସବୁକ୍ଷେତ୍ରରେ ନିୟୋଜିତ ହେବାରୁ ବଞ୍ଚିତ କରେ । ଲିଙ୍ଗଗତ ଅସମତାର ପୃଷ୍ଠଭୂମିର ଅନ୍ୟ କେତେକ ତଥ୍ୟ ବା ସିଦ୍ଧାନ୍ତ ରହିଛି, ଚାଲ ସେଗୁଡ଼ିକୁ ଜାଣିବା ।

ଐତିହାସିକ କାଳରୁ ସ୍ତ୍ରୀମାନଙ୍କ ପ୍ରତି ପ୍ରତିକୂଳ ମନୋଭାବ ହିଁ ବହୁଭାବରେ ସ୍ତ୍ରୀମାନଙ୍କର ଅସୁବିଧା ଦୈନିକ କାର୍ଯ୍ୟକୁ ପ୍ରୋତ୍ସାହିତ କରେ । ଜାତୀୟ ଶିକ୍ଷାନୀତ ୧୯୮୬ ଲିଙ୍ଗଗତ ବୈଷମ୍ୟତାର ଇତିହାସକୁ ତର୍ଜମା କରି ଏହା କହିଛନ୍ତି ଯେ ଏହା ହେଉଛି ଅତୀତର "କ୍ରମବର୍ଦ୍ଧନଶୀଳ ବିକୃତୀକରଣ" ।

ଭାରତୀୟ ଆଦର୍ଶ ଅନୁସାରେ ମହିଳମାନଙ୍କ ଉପଯୁକ୍ତାଚାରଣ (Appropriate Behaviour) ର ପୃଷ୍ଠଭୂମି ମହର୍ଷି ମନୁଙ୍କ ଦ୍ୱାରା 200 B.C (ଖ୍ରୀଷ୍ଟପୂର୍ବ) ଲିଖିତ (ତାର ପିତା ତାକୁ ପିଲାଦିନେ ସୁରକ୍ଷା ଦିଅନ୍ତି, ତା'ର ସ୍ୱାମୀ ତାକୁ ଯୌବନାବସ୍ଥାରେ ସୁରକ୍ଷା ଦିଏ ଏବଂ ତାର ପିଲାଦିନେ ତାକୁ ବୃଦ୍ଧାବସ୍ଥାରେ ସୁରକ୍ଷା ଦିଅନ୍ତି ; ମହିଳାଟିଏ କେବେ ବି ନିଜର ସ୍ୱାଧୀନତା ପାଇଁ ଯୋଗ୍ୟ ନୁହେଁ) ।

କେତେକ ଜ୍ଞାନୀ ତାଙ୍କର ମତଦିଅନ୍ତି ଯେ ଅତୀତରେ ଭାରତରେ ମହିଳାମାନେ ସମଅଧିକାରରେ ବଞ୍ଚୁଥିଲେ । ମହିଳାମାନଙ୍କର ସ୍ଥିତିରେ ଅସମାନତା, ଅନ୍ୟ ସଂସ୍କୃତିର ଶାସକ ମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଏହାର କିଛି ସମୟ ପରେ ମହିଳାମାନଙ୍କୁ ପଣ୍ୟଦ୍ରବ୍ୟ ଭାବେ ବ୍ୟବହାର କରାଗଲା । ପୁଣିଥରେ ଏଥିପାଇଁ ଭାରତୀୟ ମହିଳାଙ୍କ ସ୍ଥିତିରେ ଅଧୋଗତି ଘଟିଲା ; ମଧ୍ୟଯୁଗରେ ଯେତେବେଳେ ସତୀ ପ୍ରଥାର ଉଦ୍ରେକ ହେଲା, ବାଲ୍ୟ ବିବାହ, ଯୌତୁକ ପ୍ରଥା ଏବଂ ବିଧବା ବିବାହରେ ବାରଣ ସାମାଜିକ ଜୀବନରେ ଏକ ଅଂଶ ହୋଇଗଲା ।

ଟିପ୍ପଣୀ

ଦେବଦାସୀ ପ୍ରଥା ମଧ୍ୟ ପ୍ରଚଳିତ ହେଲା । ଦେବଦାସୀ ବା ମନ୍ଦିର ଦେଖାରେଖାରେ ନିଯୁକ୍ତ ମହିଳା ମାନଙ୍କୁ ଯୌନ ନିର୍ଯ୍ୟାତନା ଦିଆଗଲା । ବହୁପତ୍ନୀ ଗ୍ରହଣ ବହୁଳଭାବେ ପ୍ରଚଳନ ହେଲା ଏବଂ ଏହା ପୌରୁଷତ୍ତ୍ୱର ପ୍ରତୀକ ଭାବେ ଗୃହୀତ ହେଲା । ଏହାପରେ କେତେକ ଧର୍ମ ସଂସ୍କାର ଭିତ୍ତିକ ଆନ୍ଦୋଳନରେ ମହିଳାମାନଙ୍କୁ ସେମାନଙ୍କର ଉପଯୁକ୍ତ ସ୍ଥାନ ଦେବାପାଇଁ ଜୈନ ଧର୍ମାବଲମ୍ବୀ ମାନଙ୍କ ଦ୍ୱାରା ହୋଇଥିଲା ଏହା ସତ୍ତ୍ୱେ ମଧ୍ୟ ମହିଳା ମାନଙ୍କୁ ବହୁ କଟକଣାରେ ବନ୍ଦୀଭାବେ ରଖାଯାଉଥିଲା । ବାଲ୍ୟ ବିବାହ ପ୍ରଥା ମଧ୍ୟ ୬୦୦ ଶତାବ୍ଦୀରୁ ଆରମ୍ଭ ହେବା ବିଶ୍ୱାସ କରାଯାଏ ।

ଏପରିକି ଆଜିମଧ୍ୟ ଶିକ୍ଷା ସତ୍ତ୍ୱେ, ବିକାଶ ଓ ବ୍ୟବସ୍ଥାପିକା ଥାଇ ମଧ୍ୟ ନାରୀମାନଙ୍କୁ ଦମନ କରାଯାଉଛି । ଉଦାହରଣ ସ୍ୱରୂପ ଯୌବନ ନିର୍ଯ୍ୟାତନା,ନାରୀ ଚକ୍ରାନ୍ତ, ଯୌତୁକ ଜନିତ ମୃତ୍ୟୁ, ଘାରୋଇ ହିଂସା, ବଳାତ୍କାର, ଏସିଡ୍ ଆକ୍ରମଣ, କନ୍ୟାଭୃଣ ହତ୍ୟା, ଅପହରଣ, ଉତ୍ପୀଡ଼ନ, ଶିଶୁକନ୍ୟା ହତ୍ୟା, ଅପ୍ରତିହତ ଭାବେ ଚାଲୁଅଛି ।

ନିଜ ଅଗ୍ରଗତିର ଆକଳନ **- 11.2**

**I. ନିମ୍ନଲିଖିତ ଉକ୍ତି ଗୁଡ଼ିକ ସତ୍ୟ ବା ମିଥ୍ୟା ଯଦି ଭୂଲ ଥାଏ ତେବେ ସଂଶୋଧନ କର ।**

1. ପୁତ୍ର ସନ୍ତାନର ଅଭିରୁଚିରେ ଆଧିକ୍ୟତା ନାରୀମାନଙ୍କ ପାଇଁ ପକ୍ଷପାତିତାକୁ ପ୍ରତିଫଳିତ କରେ ।

2. ଲିଙ୍ଗଗତ ସମତାର ପଦୋନ୍ନତିରେ ପିତାମାତାଙ୍କର କୌଣସି ଭୂମିକା ନଥାଏ ।

3. ଲିଙ୍ଗଗତ  ସମାନୁପାତିକ ସମାନ ଦୃଷ୍ଟିରେ ଶିକ୍ଷକମାନେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ ।

4. PNDT Act ଘୋଷଣା କରିଥିଲେ ଯେ ଭାରତରେ ଯୌତୁକ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାପାଇଁ ପ୍ରୋତ୍ସାହନ ଯୋଗାଇଥିଲୁ ।

5. ଭାରତ ସମ୍ବିଧାନ ନାରୀ ଓ ପୁରୁଷ ମଧ୍ୟରେ ପକ୍ଷପାତ କରେନାହିଁ ।

6. ଆମ ଦେଶରେ ପ୍ରତି ହଜାରେ ପୁରୁଷରେ ନାରୀ ସଂଖ୍ୟା କମି କମି ଯାଉଛି ।

7. ନାରୀମାନଙ୍କୁ ପରାହତ କରିବାରେ ଜୈବିକ ଉପାଦାନ ଗୁଡ଼ିକ ବହୁଳ ପରିମାଣରେ ଦାୟୀ ।

8. ସମସ୍ତ ଶିକ୍ଷକମାନେ ଶ୍ରେଣୀ କକ୍ଷରେ ଲିଙ୍ଗଗତ ସମ୍ବୋଧନଶୀଳତା ପ୍ରଦର୍ଶନ କରନ୍ତି ।

**II. ନିମ୍ନଲିଖିତ ଉଦାହରଣ ଗୁଡ଼ିକ ମଧ୍ୟରୁ କେଉଁ ଗୁଡ଼ିକ ଲିଙ୍ଗଗତ ବିଭେଦତା ବା ଲିଙ୍ଗଗତ ଏବଂ ବୈଷମ୍ୟତା ସୂଚାଉଛି ?**

1. ଜଣେ ଶିକ୍ଷକ ବିଦ୍ୟାଳୟରେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବାଳିକା ମାନଙ୍କୁ ନିଯୁକ୍ତ କରନ୍ତି ନାହିଁ ।

2. ବାଳିକା ମାନଙ୍କର ଉଚ୍ଚଶିକ୍ଷା ନିମନ୍ତେ ଛାତ୍ରବୃତ୍ତି ପ୍ରଦାନ ଏବଂ ମାସିକ ଫି ଛାଡ଼ କରିବା

3. ଜିଲ୍ଲା ପଞ୍ଚାୟତ ଓ ଗ୍ରାମ ପଞ୍ଚାୟତ ବ୍ୟବସ୍ଥାରେ ନାରୀପ୍ରାର୍ଥୀ ପାଇଁ ସଂରକ୍ଷଣ ବ୍ୟବସ୍ଥା ।

4. ଯେତେବେଳେ ଜଣେ ସ୍ତ୍ରୀ ଲୋକ କୌଣସି ଅଭିଯୋଗ ନେଇ ଆସେ ପୋଲିସ ତାର ଅଭିଯୋଗ ପତ୍ରକୁ ବିବରଣୀ ଖାତାରେ ଲିପିବଦ୍ଧ କରେ ନାହିଁ ।

5. ବସ୍‌ରେ ଦୁର୍ବ୍ୟବହାର ସମ୍ମୁଖୀନ ହେବା ।

6. ମହିଳା ରୋଗୀ ମାନଙ୍କ ପାଇଁ ସରକାରୀ ହସ୍‌ପିଟାଲରେ ଅଲଗା ପରୀକ୍ଷା ଗୃହ ରଖିବା ।

7. ମାତୃତ୍ୱ ଲାଭ ଓ ଶିଶୁ ଯତ୍ନ ପାଇଁ ସେମାନଙ୍କୁ ଛୁଟି ମଞ୍ଜୁର କରିବା ।

8. ସ୍ତ୍ରୀ ଲୋକଙ୍କ ପ୍ରତି କୌଣସି ଦୁର୍ବ୍ୟବହାର ହେଲେ ତାଙ୍କୁ କାହା ଆଗରେ ନ କହିବା ପାଇଁ ବାଧ କରିବା ।

ଟିପ୍ପଣୀ

**III. ନିମ୍ନଲିଖିତ ମଧ୍ୟରୁ ଉପଯୁକ୍ତ ଉତ୍ତର ଗୁଡ଼ିକ ବାଛି ଲେଖ ।**

1. ନାରୀମାନଙ୍କୁ ସ୍ୱାଧୀନତା ପାଇଁ ଯୋଗ୍ୟ ନୁହନ୍ତି । ଏହି ଉକ୍ତିଟି କେଉଁଥିରେ ଅଛି ?

(a) ରାମାୟଣ (b) ମନୁ ସ୍ମୃତି

(c) ମହାଭାରତ (d) ଉପନିଷଦ

2. ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତରେ ଅବୈଧ/ବେଆଇନ ନୁହେଁ ?

(a) ସତୀଦାହ ପ୍ରଥାକୁ ଉତ୍ସାହିତ କରିବା

(b) ଯୌତୁକ ନେବା ଦେବା

(c) ମହିଳା ମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସ୍ୱତନ୍ତ୍ର ଅଧିକାର ଦେବା

(d) କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯ୍ୟାତନା

3. ନିମ୍ନଲିଖିତ ମଧ୍ୟରୁ କେଉଁଟି ଲିଙ୍ଗଗତ ବୈଷମ୍ୟତାର ଏକ ଦୃଷ୍ଟାନ୍ତ ।

(a) ପ୍ରୋଗ୍ରେସ ରିପୋର୍ଟରେ ଶିଶୁର ଉଭୟ ପିତା ଓ ମାତାଙ୍କ ନାମ ଲିପିବଦ୍ଧ କରିବା ।

(b) ଯାହାଲୋକାଚାରିତ ମତ ନୁହେଁ ତାହାକୁ ଅନୁସରଣ କରିବାକୁ ଝିଅମାନଙ୍କୁ ବାଧା ଦେବା ।

(c) ମହିଳା ଓ ସେମାନଙ୍କ ଆବଶ୍ୟକତାକୁ ଗୋପନରେ ରଖିବା ।

(d) ପୁରୁଷ ଓ ମହିଳା ଏକା ଚାକିରୀ କରିଥିଲେ ମଧ୍ୟ ମହିଳା ମାନଙ୍କଠାରୁ ପୁରୁଷମାନଙ୍କୁ ଅଧିକ ଦରମା ଦେବା ।

## 11.4 ପଦ ମର୍ଯ୍ୟାଦା କ୍ଷେତ୍ରରେ ଲିଙ୍ଗଗତ ସଂକେତ

ଆମେ ସାଧାରଣତଃ ପୁରୁଷ ଓ ମହିଳା ମଧ୍ୟରେ ଥିବା ଲିଙ୍ଗଗତ ବୈଷମ୍ୟତା ବିଷୟରେ ଜାଣିଲେ, ପୁରୁଷ ଓ ମହିଳା ମଧ୍ୟରେ ଥିବା ପଦମର୍ଯ୍ୟାଦା ସମ୍ବନ୍ଧରେ ଜାଣିବା ଦରକାର । ସମାଜରେ ପୁରୁଷ ଓ ମହିଳାମାନେ କ'ଣ ଏକା ପ୍ରକାର ସୁଯୋଗ, ଏକା ପ୍ରକାର ଅଧିକାର, ଏକା ପ୍ରକାର ସମ୍ମାନ ଉପଭୋଗ କରନ୍ତି ? ଆମ ସମାଜରେ ପୁରୁଷ ଓ ମହିଳା ମାନଙ୍କ ମଧ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ସଂପତ୍ତିଗତ ଅଧିକାର, କାର୍ଯ୍ୟରେ ଅଂଶ ଗ୍ରହଣ, ବିବାହ ବୟସ ଅନୁସାରେ ନାରୀ ବିରୁଦ୍ଧରେ ନୃଶଂସ କାର୍ଯ୍ୟ କରାଯାଉଥାଏ । ବର୍ତ୍ତମାନ ଆମେ ସଂକ୍ଷେପରେ କିଛି ପଦ ପଦବୀର ସଂକେତ ବିଷୟରେ ଆଲୋଚନା କରିବା ।

### 11.4.1 ଲିଙ୍ଗଗତ ଅନୁପାତ :-

ଆମ ସମାଜରେ ଲିଙ୍ଗଗତ ଅନୁପାତ ହେଉଛି ମହିଳାମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ

ଟିପ୍ପଣୀ

ବିଷୟ ଲିଙ୍ଗଗତ ଅନୁପାତ କହିଲେ ପ୍ରତି ୧୦୦୦ ଜଣ ପୁରୁଷରେ ମହିଳା ମାନଙ୍କ ସଂଖ୍ୟାକୁ ବୁଝାଏ । ଆମ ସମାଜରେ ଅତିକମ୍‌ରେ ପ୍ରତି ୧୦୦୦ଜଣ ପୁରୁଷରେ ୧୦୦୦ ଜଣ ମହିଳା ରହିବା ଆବଶ୍ୟକ । କିନ୍ତୁ ଦୁର୍ଭାଗ୍ୟବଶତଃ ଆମ ସମାଜରେ ପୁରୁଷଙ୍କ ଅନୁପାତରେ ମହିଳାଙ୍କ ସଂଖ୍ୟା ଖୁବ୍ କମ୍ । ୦-୬ ବର୍ଷ ବୟସର ଶିଶୁ ମାନଙ୍କର ଲିଙ୍ଗଗତ ପାର୍ଥକ୍ୟ ମଧ୍ୟ ଆମ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । United Nations Children's Find ର ଗଣନା ଅନୁସାରେ ପ୍ରତିବର୍ଷ ଭାରତରେ ଭ୍ରୁଣହତ୍ୟା ଓ ପ୍ରକୃତ ଯତ୍ନ ଅଭାବରୁ ପ୍ରାୟ ୫୦ ନିୟୁତ ଝିଅ ଓ ମହିଳା ନିଖୋଜ ହୋଇଥା'ନ୍ତି । ୧୯୦୧ ରୁ ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ ମହିଳାମାନଙ୍କର ଲିଙ୍ଗଗତ ଅନୁପାତ ପୁରୁଷ ମାନଙ୍କ ତୁଳନାରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ଦୃତ ବେଗରେ ହ୍ରାସ ହେଉଛି । ୨୦୧୧ ଜନଗଣନା ଅନୁସାରେ ଆମର ଲିଙ୍ଗଗତ ଅନୁପାତ ଓ ଶିଶୁମାନଙ୍କର ଲିଙ୍ଗଗତ ଅନୁପାତ ଯଥାକ୍ରମେ ୯୪୦ ଓ ୯୧୪ ରହିଥିଲା । ଆମେ ଆମର ବାଳିକା ଶିଶୁ ମାନଙ୍କୁ ରକ୍ଷା କରିବା ପାଇଁ ସଚେତନ ହେବା ଆବଶ୍ୟକ ।

**11.4.2 ଶିକ୍ଷା :-**

ସମାଜରେ ଓ ପରିବାରରେ ମହିଳାମାନଙ୍କର ସ୍ଥିତି ସିଧାସଳଖ ଶିକ୍ଷାସହ ସମ୍ପୃକ୍ତ । ଲିଙ୍ଗଗତ ସମତା ଓ ସଶକ୍ତିକରଣ ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉଚ୍ଚଶିକ୍ଷା ସମାଜରେ ରୋଜଗାରକ୍ଷମ କରେଇବା ସହ ଆମର ଉତ୍ତମ ସ୍ୱାସ୍ଥ୍ୟ ଓ ଆତ୍ମସମ୍ମାନ ରକ୍ଷା କରିବାରେ ସାହାଯ୍ୟ କରେ । ଭାରତରେ ଲିଙ୍ଗଗତ ପାର୍ଥକ୍ୟ ଯୋଗୁଁ ଅନେକ ମହିଳା ଯେକୌଣସି ସମୟରେ ଶିକ୍ଷାଗ୍ରହଣକୁ ତ୍ୟାଗ କରନ୍ତି । ପାଖାପାଖି ୨୪୫ ନିୟୁତ ଭାରତୀୟ ମହିଳା ସାଧାରଣ ଲେଖାପଢ଼ାରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି । ୨୦୦୦ ମସିହାରେ ପ୍ରାପ୍ତ ବୟସ୍କ (୧୫ ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ) ଶିକ୍ଷିତ ମହିଳା ସଂଖ୍ୟା ୪୬% ଥିବାବେଳେ ପୁରୁଷଙ୍କ ସଂଖ୍ୟା ୬୯% ରହିଥିଲା । ତୁମ ଦୃଷ୍ଟିରେ ନିମ୍ନତର ବାଳିକା ଶିକ୍ଷାପାଇଁ ଦାୟି ହେଉଥିବା କାରକ ଗୁଡ଼ିକ କ'ଣ ? ଶିକ୍ଷା ହାର ହିଁ ଏଥିପାଇଁ ଦାୟି ।

**11.4.3 ସ୍ୱାସ୍ଥ୍ୟ :-**

ସମାଜରେ ସବୁ ମଣିଷ ସ୍ୱାସ୍ଥ୍ୟସହ ବଞ୍ଚିବାର ଅଧିକାର ଅଛି । କିନ୍ତୁ ଭାରତରେ ଅଧିକାଂଶ ବାଳିକାମାନେ ଶୈଶବ ଅବସ୍ଥାରେ ହିଁ ମୃତ୍ୟୁମୁଖରେ ପଡନ୍ତି । ପ୍ରତି ଏକ ହଜାର ଶିଶୁ ମଧ୍ୟରୁ ଜନ୍ମରୁ ଏକବର୍ଷ ମଧ୍ୟରେ ବଞ୍ଚନପାରି ମୃତ୍ୟୁମୁଖରେ ପଡୁଥିବା ଶିଶୁ ମାନଙ୍କ ସଂଖ୍ୟାକୁ ନବଜାତ ଶିଶୁ ମୃତ୍ୟୁହାର କୁହାଯାଏ । ସାଧାରଣତଃ ଜୈବିକ ଓ ବଂଶଗତ କାରଣରୁ ବାଳକ ମୃତ୍ୟୁହାର ଅଧିକା ହୋଇଥାଏ । କିନ୍ତୁ ଭାରତରେ ବାଳିକା ମୃତ୍ୟୁହାର ବାଳକ ମାନଙ୍କ ମୃତ୍ୟୁହାର ଠାରୁ ଢେର ଅଧିକା । ମହିଳାମାନଙ୍କ ପାଇଁ ପ୍ରତିଦିନ ସାଧାରଣତଃ ୨୨୦୦ କ୍ୟାଲୋରୀ ପୁଷ୍ଟି ଆବଶ୍ୟକ ହେଉଥିବା ବେଳେ ଅତିକମ୍‌ରେ ୧୪୦୦ କ୍ୟାଲୋରୀ ପୁଷ୍ଟି ଆବଶ୍ୟକ । ଅନେକ ବାଳିକା ଏବଂ ମହିଳା ପୁଷ୍ଟିହୀନତା, ରକ୍ତହୀନତା ଓ ସ୍ୱଳ୍ପ ଓଜନ ବିଶିଷ୍ଟ ରୋଗରେ ପିଡ଼ିତା ।

ଆଇନ୍ ଅନୁସାରେ ମହିଳା ମାନଙ୍କର ନିମ୍ନତମ ବିବାହ ବୟସ ୧୮ ବର୍ଷ ହୋଇଥିବା ବେଳେ ଭାରତରେ ଅନେକ ମହିଳା ୧୮ ବର୍ଷ ବୟସ ପୂର୍ବରୁ ବିବାହ କରନ୍ତି ।

ଶିଘ୍ର ବିବାହ କରିବା ଫଳରେ ଝିଅମାନଙ୍କର ଶୈଶବ ନଷ୍ଟ ହେବାସହ ଶିଘ୍ର ମାତୃତ୍ୱ ଲାଭ ହୋଇଥାଏ ଫଳରେ ଝିଅଟି ଶିକ୍ଷାଗ୍ରହଣରୁ ବଞ୍ଚିତ ହୋଇଥାଏ । ଆଉ ମଧ୍ୟ ଉପଯୁକ୍ତ ପୁଷ୍ଟି ଅଭାବରେ ତା'ର ସ୍ୱାସ୍ଥ୍ୟହାନୀ ଘଟିଥାଏ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୨୦୦୮ ଅନୁସାରେ ଝିଅମାନଙ୍କର

ହାରାହାରୀ ବିବାହ ବୟସ ୨୦.୬ ବର୍ଷ ହୋଇଗଲା ଯାହାକି ୨୦୦୧ ମସିହାରେ ଝିଅମାନଙ୍କର ହାରାହାରୀ ବିବାହ ବୟସ ୧୮.୩ ବର୍ଷ ରହିଥିଲା ।

ଟିପ୍ପଣୀ

ଭାରତରେ ସମସ୍ତ HIV ପଜିଟିଭ୍ ଲୋକଙ୍କ ମଧ୍ୟରୁ ୩୮% କେବଳ ମହିଳା, ଯେଉଁମାନଙ୍କ ମଧ୍ୟରୁ କେବଳ ୨୫% ଚିକିତ୍ସା ସୁବିଧା ପାଆନ୍ତି ଏବଂ ବାକିସବୁ ଅବହେଳାର ଶୀକାର ହୁଅନ୍ତି । ଭାରତରେ ୯୨% ମହିଳା ପ୍ରଜନନ କ୍ଷେତ୍ରରେ ଅସୁବିଧା ଭୋଗନ୍ତି । ପ୍ରତିଦିନ ପ୍ରାୟ ୩୦୦ ମହିଳା ଶିଶୁଜନ୍ମ ସମୟରେ ମୃତ୍ୟୁବରଣ କରନ୍ତି । ଯେଉଁ ସମାଜରେ ଏହିସବୁ କାରଣରୁ ମହିଳାମାନେ ମୃତ୍ୟୁମୁଖରେ ପଡ଼ନ୍ତି ସେଠାରେ ମହିଳାଙ୍କର ସ୍ଥିତି ସହଜରେ ଅନୁମେୟ ।

### 11.4.4 ଶ୍ରମ ଶକ୍ତିରେ ଯୋଗଦାନ :-

କର୍ମ ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ଆମ ଜୀବନରେ ଧନ, କ୍ଷମତା ଓ ସମ୍ମାନର ମାର୍ଗକୁ ନିର୍ଦ୍ଧାରଣ କରେ, ଶ୍ରମ ଶକ୍ତି କହିଲେ ବୟସାନୁସାରେ ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରୁ ନିଯୁକ୍ତି ପାଇଥିବା ବ୍ୟକ୍ତି ଓ ନିଯୁକ୍ତି ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତି ମାନଙ୍କ ବିଭାଗିକରଣକୁ ବୁଝାଏ । ନିଶ୍ଚିତ ଭାବରେ ଜନସଂଖ୍ୟା, ଶ୍ରମଶକ୍ତିରେ ଯୋଗଦାନ ଓ ଉତ୍ପାଦନ ଆମର ଅର୍ଥନୀତିକୁ ପ୍ରଭାବିତ କରେ, ଆମ ମୋଟ ଜନ ସଂଖ୍ୟାର ଅର୍ଦ୍ଧେକ ମହିଳା ହେଲେ ମଧ୍ୟ ଶ୍ରମଶକ୍ତିରେ ଯୋଗଦାନ କରୁଥିବା ମହିଳାଙ୍କ ସଂଖ୍ୟା ଖୁବ୍ କମ୍ । ଶ୍ରମଶକ୍ତିରେ ଲିଙ୍ଗଗତ ବୈଷମ୍ୟ ମଧ୍ୟ ଆମ ସମାଜରେ ମହିଳା ମାନଙ୍କ ସ୍ଥିତିକୁ ନିର୍ଦ୍ଧାରଣ କରେ । ଗତ ତିନି ସନ୍ଧିକୁ ଅନୁମାନ କଲେ ଜଣାଯାଏ ଯେ ଗ୍ରାମାଞ୍ଚଳର ୩୫% ଓ ସହରାଞ୍ଚଳର ମାତ୍ର ୧୫% ମହିଳା ଶ୍ରମଶକ୍ତିରେ ଯୋଗଦାନ ଦେଇଥାନ୍ତି ।

ଅନେକ ମହିଳା ଅସଂଗଠିତ କ୍ଷେତ୍ର ଯେପରିକି କୃଷି, ନିର୍ମାଣ କାର୍ଯ୍ୟ ଆଦିରେ ସ୍ୱଳ୍ପମୂଲ୍ୟ ବା ବିନାମୂଲ୍ୟରେ ମଧ୍ୟ ଖଟିଥା'ନ୍ତି । ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ମୋଟ ସାଧାରଣ କାର୍ଯ୍ୟର ୨/୩ (ଦୁଇ ତୃତୀୟାଂଶ) କେବଳ ମହିଳାମାନେ ହିଁ କରିଥା'ନ୍ତି । କିନ୍ତୁ ଅର୍ଥନୈତିକ ଅଭିବୃଦ୍ଧିରେ ସେମାନଙ୍କ କାର୍ଯ୍ୟକୁ ମାନ୍ୟତା ଦିଆଯାଏନାହିଁ । ମହିଳାମାନେ କରୁଥିବା କାର୍ଯ୍ୟ କାର୍ଯ୍ୟ ନୁହେଁ କି ?

ସମାନ ପାରିଶ୍ରମିକ ଚିନ୍ତାଜନକ ବିଷୟ । ସମାନ କାର୍ଯ୍ୟପାଇଁ ସମାନ ପାରିଶ୍ରମିକ ଦେବା ଉଚିତ୍ । କିନ୍ତୁ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ମଧ୍ୟରୁ ମହିଳା ମାନଙ୍କୁ ପୁରୁଷମାନଙ୍କ ଅପେକ୍ଷା କମ୍ ପାରିଶ୍ରମିକ ଦିଆଯାଏ । ଯାହାକି ମହିଳାମାନଙ୍କର ପରିବାର ଚଳାଇବା ବା ବୃତ୍ତିଗତ ସୁବିଧା ଉପରେ କୁପ୍ରଭାବ ପକାଇଥାଏ ।

ଯେକୌଣସି ସମ୍ପତ୍ତି ଏପରିକି ମହିଳାମାନଙ୍କର ଅଳ୍ପ ନିୟନ୍ତ୍ରଣରେ ରହୁଥିବା ସମ୍ପତ୍ତି ମଧ୍ୟ ସେମାନଙ୍କ ନାମରେ ହୋଇପାରିବ । କିନ୍ତୁ କର୍ମଜୀବି ମହିଳାମାନଙ୍କ ନାମରେ ମଧ୍ୟ ମୋଟ୍ ସମ୍ପତ୍ତିର ଖୁବ୍ ଅଳ୍ପଭାଗ ରହିଥାଏ । ଯାହାକି ସମାଜରେ ମହିଳା ମାନଙ୍କ ସ୍ଥିତି ଉପରେ କୁପ୍ରଭାବ ପକେଇଥାଏ ।

### 11.4.5 ହିଂସା ଏବଂ ଅପରାଧ

ମହିଳା ମାନଙ୍କ ଉପରେ ହିଂସା ଆମ ସମାଜ ପାଇଁ ଏକ ନିନ୍ଦନୀୟ ଘଟଣା, ଅନେକ ମହିଳା ଯୌନ ନିର୍ଯ୍ୟାତନା, ଯୌନଉତ୍ପିଡ଼ନ, ଯୌତୁକ ନିର୍ଯ୍ୟାତନା, ଅଶ୍ଳୀଳ ଇଙ୍ଗୀତ, ପାରିବାରିକ ହିଂସା ଆଦିର ଶୀକାର ହୁଅନ୍ତି । National Crime Records Bureau 2005 ଅନୁଯାୟୀ ଭାରତରେ ମହିଳାମାନେ ପ୍ରତି ୨୯ ମିନିଟ୍‌ରେ ବଳାତ୍କାର, ପ୍ରତି ୧୫ ମିନିଟ୍‌ରେ ଯୌନ ଉତ୍ପିଡ଼ନ, ପ୍ରତି ୫୩ ମିନିଟ୍‌ରେ ଯୌନ ନିର୍ଯ୍ୟାତନା, ପ୍ରତି

୧୪ ମିନିଟ୍‌ରେ ହତ୍ୟାର ଶିକାର ହୁଅନ୍ତି । ଘରର ଚାରିକାନ୍ଥ ମଧ୍ୟରେ ମହିଳାମାନେ ପାରିବାରିକ ହିଂସାର ଶୀକାର ହୋଇଥାନ୍ତି । ଶିକ୍ଷା ଓ ସମ୍ପତ୍ତିରେ ଉନ୍ନତି ହେଲେ ପାରିବାରିକ ହିଂସା କମିବାର ଆଶା କରାଯାଏ । ୨୦୦୫ ମସିହାରେ ସରକାର ମହିଳା ପାରିବାରିକ ହିଂସା କମେଇବା ପାଇଁ ବ୍ୟବସ୍ଥା କରିଛନ୍ତି । ଆମେ ସମାଜରେ ଉଭୟ ପୁରୁଷ ଓ ମହିଳାମାନଙ୍କୁ ଅଗ୍ରାଧିକାର ଦେବାକୁ ଚେଷ୍ଟା କରିବା ଆବଶ୍ୟକ

ମହିଳାମାନେ ଆମ ସଂସ୍କୃତି ସୁଅରେ ଛନ୍ଦି ହୋଇଯାଇଛନ୍ତି । ସେମାନଙ୍କୁ ଉଚିତ୍ ନ୍ୟାୟ ଦେଇ ସେହି ବନ୍ଧନରୁ ମୁକ୍ତ କରିବା ଆବଶ୍ୟକ । ଆମ ସମାଜ ଏବଂ ସଂସ୍କୃତି ଦ୍ୱାରା ସୃଷ୍ଟି ଚେନରେ ମହିଳାମାନେ ବନ୍ଧା ହେବାର ଲକ୍ଷ୍ୟ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ମହିଳାମାନେ କିପରି ଛନ୍ଦି ହୋଇଯାଇଛନ୍ତି ତାହା ଏକ ଯୋଜନାବଦ୍ଧ ରୂପରେଖରେ ବର୍ଣ୍ଣନା କରାଯାଇଛି । ଏହି ବନ୍ଧନରୁ ସେମାନଙ୍କୁ ମୁକ୍ତ କରି ଆମେ କିପରି ଉଭୟ ପୁରୁଷ ଓ ମହିଳା ସମାନ ପ୍ରତିଷ୍ଠା ପାଇବେ ସେ ଦିଗରେ ତତ୍ପର ହେବା ଆବଶ୍ୟକ ।

୧. ଘରୋଇ ଦାୟିତ୍ୱ

୨. ପାରମ୍ପରିକ ରୀତି ଏବଂ ବିଶ୍ୱାସ

୩. ଶିକ୍ଷାଗତ ଦାରିଦ୍ରତା

୪. ସ୍ୱଳ୍ପ/ଶିକ୍ଷାଗତ ଅଭାବ

୫. ସୀମିତ ମନୋନୟନ

୬. କମ୍ ବୟସରେ ବିବାହ

୭. ସମୟ ପୂର୍ବରୁ ଗର୍ଭଧାରଣ

୮. ବାରମ୍ବାର ଗର୍ଭଧାରଣ

୯. ପୃଷ୍ଟିକର ଖାଦ୍ୟର ଅଭାବ ଏବଂ ଶାରୀରିକ ଦୁର୍ବଳତା

୧୦. ଜନ୍ମଗତ ସମସ୍ୟା ଜନ୍ମସମୟରେ କମ୍ ଓଜନ ଅଧିକ ଶିଶୁଙ୍କ ମୃତ୍ୟୁ ସଂଖ୍ୟା

(ସମାଜ ଏବଂ ସଂସ୍କୃତିର ବିଭିନ୍ନ କଡ଼ିର ଫାଶରେ ମହିଳା)

ନିଜ ଅଗ୍ରଗତିର ଆକଳନ:- 11.3

ତଳଲିଖିତ ପ୍ରଶ୍ନପାଇଁ ଉପଯୁକ୍ତ ବିକଳ୍ପ ଚୟନ କର ।

1. ନିମ୍ନଲିଖିତ ମଧ୍ୟରୁ କେଉଁଟି ଆମ ସମାଜରେ ମହିଳାମାନଙ୍କର ସ୍ଥିତିକୁ ସୁଚାଉ ନାହିଁ ?

   (a) ସମ୍ପତ୍ତିଗତ ଅଧିକାର  (b) ଶିକ୍ଷା

   (c) ମାତୃଭାଷାର ଜ୍ଞାନ  (d) ଲିଙ୍ଗ ଅନୁପାତ

2. ଲିଙ୍ଗ ଅନୁପାତର ସଂଜ୍ଞା ହେଉଛି ................

   (a) ସ୍ତ୍ରୀମାନଙ୍କର ସଂଖ୍ୟା ପ୍ରତି ୨୦୦୦ପୁରୁଷରେ

   (b) ପୁରୁଷମାନଙ୍କର ସଂଖ୍ୟା ପ୍ରତି ୨୦୦୦ମହିଳାରେ

   (c) ପୁରୁଷମାନଙ୍କ ସଂଖ୍ୟା ପ୍ରତି ୧୦୦୦ନାରୀରେ

(d) ନାରୀମାନଙ୍କର ସଂଖ୍ୟା ପ୍ରତି ୧୦୦୦ ପୁରୁଷରେ

3. ନିମ୍ନଲିଖିତ ଉକ୍ତି ମଧ୍ୟରୁ କେଉଁଟି ସତ୍ୟ ?

(a) ଆମ ଦେଶର ଉନ୍ନତ ରାଜ୍ୟ ଗୁଡ଼ିକରେ ମଧ୍ୟ ଲିଙ୍ଗ ଅନୁପାତ ହ୍ରାସପାଇବାରେ ଲାଗିଛି

(b) ମହିଳାମାନଙ୍କର ଶୈକ୍ଷିକସ୍ତର ପୁରୁଷମାନଙ୍କର ଶୈକ୍ଷିକସ୍ତରଠାରୁ ଉଚ୍ଚତର

(c) ଉଚ୍ଚ ଦରମା ଯୁକ୍ତ ବୃତ୍ତିରେ ଆମେ ପୁରୁଷମାନଙ୍କଠାରୁ ନାରୀମାନଙ୍କୁ ଅଧିକ ପାଇଥାଉ ।

(d) ଗର୍ଭାବସ୍ଥା ସମୟର ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ ଝିଅମାନଙ୍କୁ ଜଲ୍‌ଦି ବିବାହ ଉଚିତ୍ ।

ଟିପ୍ପଣୀ

4. ସମାଜରେ ନାରୀମାନଙ୍କ ଗୁରୁତ୍ୱ ପ୍ରଦାନ କରୁନଥିବା ଉପାଦାନଟି ନିମ୍ନରେ ଥିବା କାହା ସହ ସଂପର୍କିତ ?

(a) ଅସୁବିଧାର ଉପଲବ୍ଧି (b) ପକ୍ଷପାତ

(c) ସାମର୍ଥ୍ୟ ହୀନତା (d) ଏ ସମସ୍ତ

5. ମହିଳା ମାନଙ୍କ ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁ ଉକ୍ତିଟି ସତ୍ୟ ?

(a) ନିମ୍ନସ୍ତରର ଶିକ୍ଷା ସେମାନଙ୍କର ଇଛାକୁ ସିମୀତ କରେ

(b) ଘରୋଇ ଦାୟିତ୍ୱ ଏବଂ ପାରମ୍ପରିକ ବିଶ୍ୱାସର ଫଳାଫଳ ହେଉଛି ଶିକ୍ଷାକ୍ଷେତ୍ରରେ ଦୁର୍ବଳତା

(c) ଅଳ୍ପ ବୟସରେ ବିବାହ ଦୁର୍ବଳସ୍ୱାସ୍ଥ୍ୟ ଓ ଶୀଘ୍ର ଗର୍ଭାବସ୍ଥା କାରଣ

(d) ଉପରୋକ୍ତ ସମସ୍ତ ଉକ୍ତି ଗୁଡ଼ିକ ସତ୍ୟ

6. ନିମ୍ନଲିଖିତ ମଧ୍ୟରୁ କେଉଁ ଉକ୍ତିଟି ସତ୍ୟ ?

(a) ଉଚ୍ଚ ଶିକ୍ଷିତ ନାରୀମାନେ ସୁଖୀ ଜୀବନ ଅତିବାହିତ କରିବା ଅସମ୍ଭବ

(b) ଏମିତିକି ନିଯୁକ୍ତି ପାଇନଥିବା ମହିଳାମାନେ ଦେଶରେ ଅର୍ଥନୈତିକ ଅଗ୍ରଗତିରେ ପରୋକ୍ଷଭାବେ ସହଯୋଗ କରନ୍ତି ।

(c) ମହିଳା ଶ୍ରମିକମାନେ ପୁରୁଷ ଶ୍ରମିକ ମାନଙ୍କ ପରି ଦରମା ପାଆନ୍ତି ନାହିଁ

(d) ଶ୍ରମକ୍ଷେତ୍ରରେ ଲିଙ୍ଗଗତ ବିଭେଦତା ଆମ ଦେଶର ଅର୍ଥନୈତିକ ପ୍ରଗତିପାଇଁ ଉତ୍ତମ ଅଟେ ।

### 11.04.6 ଲିଙ୍ଗଗତ ବୈଷମ୍ୟତାର ଦୂରୀକରଣ :-

( Overcoming Gender Descrimination)

ଲିଙ୍ଗଗତ ବୈଷମ୍ୟତା ପକ୍ଷପାତିତାକୁ ଦୃଢ଼ କରେ ଓ ଏକ ଅଯୁକ୍ତିକର ତଥା ଅସମାନ ସମାଜର ବିକାଶରେ । ଏହା ଉପରେ ଆମକୁ ନିଶ୍ଚିତ ଭାବରେ ଜୟଲାଭ କରିବାକୁ ପଡ଼ିବ କାରଣ ଏହା ନିହାତି ଅନ୍ୟାୟ

ଟିପ୍ପଣୀ

ଓ ଭୁଲ । ଲିଙ୍ଗଗତ ବୈଷମ୍ୟତା ସମାଜର କୌଣସି ବ୍ୟକ୍ତିକୁ (ମହିଳା ଓ ଝିଅ) କିମ୍ବା ସେମାନଙ୍କ ଉଚ୍ଚ ଅଭିଳାଷ ଓ ଦକ୍ଷତାକୁ ସମ୍ମାନ ପ୍ରଦର୍ଶନ କରେ ନାହିଁ । ବିପରୀତ ଭାବେ ଏହା ବ୍ୟକ୍ତିତ୍ୱର ବିକାଶରେ, ଦେଶର ଅଗ୍ରଗତିରେ, ସାମାଜିକ ବିକାଶରେ ବିଘ୍ନ ଘଟାଇଥାଏ । ଲିଙ୍ଗଗତ ସମାନତା ବ୍ୟକ୍ତିତ୍ୱର ବିକାଶ ତଥା ଅର୍ଥନୈତିକ ବିକାଶର କେନ୍ଦ୍ରବିନ୍ଦୁ । ଯେତେବେଳେ ପୁରୁଷ ଓ ନାରୀ ମଧ୍ୟରେ ସମତା ଆସେ, ସେତେବେଳେ ଅର୍ଥନୈତିକ ଅଗ୍ରଗତି ଖୁବ୍‌ଶୀଘ୍ର ହୁଏ, ଶିଶୁମାନଙ୍କର ସ୍ୱାସ୍ଥ୍ୟଗତ ଉନ୍ନତି ଘଟେ ଏବଂ ସଭ୍ୟତାର ବିକାଶ ଅତି ଉଚ୍ଚ କୋଟିର ହୋଇଥାଏ । ଲିଙ୍ଗଭିତ୍ତିକ ସମାନତା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାନବୀୟ ଅଧିକାର । ଲିଙ୍ଗଗତ ଅସମତା ହେଉଛି ସମାଜର ପ୍ରଗତିରେ ବାଧା ସୃଷ୍ଟି କରିବାର ମୁଖ୍ୟ କାରଣ ଯେହେତୁ ସମାଜର ଅଧାଲୋକ ଏଥିରେ ଜଡ଼ିତ ଥାଆନ୍ତି । ଯେତେବେଳେ ସାମାଜିକ ଓ ଅର୍ଥନୈତିକ ସ୍ତରରେ ଏହି ଅସମତାର ଦୂରୀକରଣ ପାଇଁ ଲୋକମାନଙ୍କୁ କୁହାଯାଏ ସେତେବେଳେ ଏହା ଅସମ୍ଭବ ହୋଇପଡ଼େ । ଯେତେବେଳେ ସମଗ୍ର ସମାଜରେ ନାରୀର ବିକାଶରେ ବିଘ୍ନ ସୃଷ୍ଟି କରାଯାଏ ସେତେବେଳେ ତାହା ସମଗ୍ର ଭାବେ ଏକ ସାମାଜିକ କ୍ଷତି ହୋଇଥାଏ । ଲିଙ୍ଗଗତ ବିଭେଦତାର ଗୋଟିଏ ଦିଗ ଉପରେ ଯଦି ନ୍ୟାୟର ବିଚାର କରାଯାଇ ଜୟଲାଭ କରାଯାଏ ତେବେ ତା'ର ଅନ୍ୟ ଦିଗ ଗୁଡ଼ିକ ଆପେ ଆପେ ଦୂରୀକରଣ ହୋଇଯାଏ । ଲିଙ୍ଗଗତ ସମାନତା ଉଭୟ ଲିଙ୍ଗ ଉପରେ ଥିବା, ବିଭେଦତା ଚାପକୁ ଦୂରୀକରଣ କରି ସେମାନଙ୍କୁ ସ୍ୱାଧୀନ କରିଥାଏ । ଆମେ ଶିକ୍ଷାକ୍ଷେତ୍ରରେ ଲିଙ୍ଗଗତ ବିଭେଦତାକୁ ଦୂର କରି ଏଥିରେ ସମାନତା ଆଣିବା ପାଇଁ ପ୍ରୟାସ କରିବା ।

### 11.4.7 ଶ୍ରେଣୀ କକ୍ଷରେ ଲିଙ୍ଗଗତ ବିଭେଦତା

ସମାଜରେ ଲିଙ୍ଗଭିତ୍ତିକ ବିଭେଦତାରେ ପରିବର୍ତ୍ତନ ଆଣିବାପାଇଁ ଶିକ୍ଷାଏକ ଅମୋଘ ଅସ୍ତ୍ର । ବେଳେବେଳେ ମଧ୍ୟ ବିଦ୍ୟାଳୟରେ ଶିକ୍ଷକ ଓ ପାଠ୍ୟକ୍ରମ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ଥିବା ବିଭେଦତା ; ଅସମତାର ଦୂରୀକରଣରେ ସାହାଯ୍ୟ କରିବା ପରିବର୍ତ୍ତେ ଏହାକୁ ଚିରସ୍ଥାୟୀ କରିଥା'ନ୍ତି । ଅନେକ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ଯେ, (i) ଶିକ୍ଷକମାନେ ବାଳକମାନଙ୍କୁ ଅଧିକ ଧ୍ୟାନ ଦିଅନ୍ତି (ii) ଶିକ୍ଷକମାନେ ବାଳକମାନଙ୍କର ପ୍ରଶଂସା ଅଧିକ ସମୟରେ କରନ୍ତି । (iii) ବାଳକମାନେ ଅଧିକ ଆନୁଷ୍ଠାନିକ ସାହାଯ୍ୟ ପାଇଥାନ୍ତି । (iv) ଯେତେବେଳେ ଶ୍ରେଣୀ ଗୃହ ଆଲୋଚନା ହୁଏ ଶିକ୍ଷକମାନେ ବାଳକମାନଙ୍କ ମତାମତକୁ ଅଧିକ ଗୁରୁତ୍ୱ ଦିଅନ୍ତି । (v) ନେତୃତ୍ୱ ନେବାରେ ତଥା ଦକ୍ଷତା ପ୍ରଦର୍ଶନରେ ବାଳକ ମାନେ ଅଧିକ ସୁଯୋଗ ପାଇଥା'ନ୍ତି ।(vi) ବାଳିକା ନିଜ ସ୍ତରର କାର୍ଯ୍ୟ ବ୍ୟତୀତ ଯଦି ଅଧିକ କିଛି କାର୍ଯ୍ୟ କରନ୍ତି ତେବେ ଶିକ୍ଷକମାନେ ସେମାନଙ୍କୁ ସମାଲୋଚନା କରନ୍ତି । (vii) ଶିକ୍ଷାକ୍ଷେତ୍ରରେ ବାଳିକା ମାନଙ୍କଠାରୁ ନିମ୍ନମାନର ଆଶା ପୋଷଣ କରନ୍ତି । (viii) ପାଠ୍ୟକ୍ରମ ଉପକରଣ ଗୁଡ଼ିକ ଆୟତ୍ତ କରିବାରେ ମଧ୍ୟ ଲିଙ୍ଗଗତ ବିଭେଦତା ଦେଖାଯାଏ । (ix) ଶିକ୍ଷକମାନେ ବିଦ୍ୟାଳୟର ସମ୍ବଳ ବଣ୍ଟନ ସମୟରେ ପକ୍ଷପାତୀ ନୀତି ଧାରଣ କରି ବାଳକ ମାନଙ୍କୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । (x) ଶିକ୍ଷକମାନେ ବାଳିକା ମାନଙ୍କର ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହୁଅନ୍ତି ନାହିଁ । (xi) ଶିକ୍ଷକମାନେ ଉଭୟ ଶ୍ରେଣୀକକ୍ଷରେ ଓ ବାହାରେ ବାର୍ତ୍ତାଳାପ ସମୟରେ ଲିଙ୍ଗ ପ୍ରତିକୂଳ ଭାଷା ପ୍ରୟୋଗ କରନ୍ତି ।

ଶିକ୍ଷାର୍ଥୀମାନଙ୍କ ବିକାଶରେ ଓ ଶିକ୍ଷଣରେ ଅସମତା ଓ ପକ୍ଷପାତିତା ବାଧା ସୃଷ୍ଟି କରିଥାଏ । ସେମାନେ ମଧ୍ୟ ବୈରିତା, ହସ୍ତାନ୍ତରୀ କରଣ, ଅସଫଳ, ଅନ୍ୟାୟ କାର୍ଯ୍ୟ ଓ ବିଦ୍ୟାଳୟରେ ନିମ୍ନସ୍ତରର କାର୍ଯ୍ୟ ପ୍ରଦର୍ଶନକୁ ପ୍ରୋତ୍ସାହନ ଯୋଗାଇ ଥାଆନ୍ତି ।

### 11.4.8 ଲିଙ୍ଗଗତ ବିଭେଦତା ମୁକ୍ତ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା :-

ଜାତୀୟ ଶିକ୍ଷା ନୀତି ୧୯୮୬ ଅନୁସାରେ ଶିକ୍ଷା ହେଉଛି ଏମିତି ଏକ କାରକ ଯାହାକୁ ବ୍ୟବହାର କରି ପ୍ରାରମ୍ଭିକ ସ୍ତରରେ ମହିଳାମାନଙ୍କ ସ୍ଥିତିରେ ପରିବର୍ତ୍ତନ ଅଣାଯାଇପାରିବ । ପୂର୍ବରୁ ଘଟିଥିବା ବିକୃତିକରଣକୁ କେନ୍ଦ୍ର



ଟିପ୍ପଣୀ

ଭାବେ ସମାୟନ କରିବା ପାଇଁ ମହିଳାମାନଙ୍କ ସପକ୍ଷରେ ଏକ ଦୃଢ଼ ଯୁକ୍ତି ଉପସ୍ଥାପିତ ହେବା ଦରକାର । ଜାତୀୟ ଶିକ୍ଷା ବ୍ୟବସ୍ଥା ମହିଳାମାନଙ୍କର ସଶକ୍ତିକରଣ ଏକ ସକରାତ୍ମକ ହସ୍ତକ୍ଷେପକୁ ସ୍ୱାଗତ କରିବା ଆବଶ୍ୟକ । ଯାହାଦ୍ୱାରା ଏହା ନୂତନ ନୀତି ନିୟମର ପ୍ରଚାର ପ୍ରସାରକୁ ପାଠ୍ୟକ୍ରମ ଗୁଡ଼ିକର ପୁନଃନକ୍ସାଙ୍କନ, ପାଠ୍ୟପୁସ୍ତକ, ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଓ ଅଭିମୁଖୀ କରଣ, ନିଷ୍ପତ୍ତି ନିର୍ମାତା ଓ ପ୍ରଶାସକଙ୍କ ଏବଂ ଶୈକ୍ଷିକ ଅନୁଷ୍ଠାନ ଗୁଡ଼ିକର ଅନ୍ତର୍ଭୁକ୍ତି ଦ୍ୱାରା ବୃଦ୍ଧି କରିପାରିବ । ସାମାଜିକ ଅଭିକଳ୍ପ ଓ ବିଶ୍ୱାସର ଏହା ଏକ ନିୟମ ହେବ ।

ଉପରୋକ୍ତ କଥାଗୁଡ଼ିକ ଆଲୋକପାତ କଲେ ମନରେ କେତେଗୁଡ଼ିଏ ପ୍ରଶ୍ନ ଉଠେ । ଆମର ଶୈକ୍ଷିକ ପ୍ରକ୍ରିୟାଟି ପରିବର୍ତ୍ତନ ଆଡ଼କୁ ଗତିଶୀଳ ହେଉଛି କି ? ଆମର ଶୈକ୍ଷିକ ଅନୁଷ୍ଠାନ ଗୁଡ଼ିକ ସାମାଜିକ ପରିବର୍ତ୍ତନରେ ଅଗ୍ରଗତି ଆଣୁଛନ୍ତି କି ? ଆମର ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଜ ନିଜର ଦାୟିତ୍ୱ ପ୍ରତିସଚେତନ ଅଛନ୍ତି କି ? ଏବଂ ଶିକ୍ଷଣ ଅନୁଭୂତିର ସଶକ୍ତି କରଣ ଏବଂ ସମ୍ବେଦନଶୀଳତା ପ୍ରତି କ୍ରିୟାଶୀଳ ଅଟନ୍ତି କି? ଶିକ୍ଷକମାନେ ମଧ୍ୟ ଲିଙ୍ଗଗତ ବିଭେଦତା କବଳରେ ଅଛନ୍ତି କି? ଶିକ୍ଷକମାନେ ମଧ୍ୟ ଲିଙ୍ଗଗତ ବିଭେଦତା କବଳରେ ଅଛନ୍ତି ଏବଂ ଏହାର ସମ୍ବେଦନଶୀଳତା ସମ୍ବନ୍ଧରେ ସେମାନେ ମଧ୍ୟ ଅଜ୍ଞାତ । ଲିଙ୍ଗଗତ ବିଭେଦତା ପ୍ରତି ସଚେତନ ଥିବା ଶିକ୍ଷକ ଓ ବିଦ୍ୟାଳୟର ସହଯୋଗରେ ହିଁ ଏହି ଲିଙ୍ଗଗତ ସମାନତା ହାସଲ କରାଯାଇପାରିବ । ଏକ ସମତାଭିତ୍ତିକ ସମାଜ ଗଠନ ପାଇଁ ଶିକ୍ଷକ ବ୍ୟକ୍ତିଗତ ଭାବେ କିମ୍ବା ସାମୁହିକ ଭାବେ ଲୋକମାନଙ୍କ ମଧ୍ୟରେ ମୂଲ୍ୟବୋଧ; ସକରାତ୍ମକ ମନୋବୃତ୍ତି, ଦକ୍ଷତା ଓ ଜ୍ଞାନର ବିକାଶକୁ ବୃଦ୍ଧି କରି ପାରିବେ । ଏହି ଲିଙ୍ଗଗତ ସମାନତା ଲିଙ୍ଗଗତ ସମ୍ବେଦନଶୀଳତାକୁ ଆବଶ୍ୟକ କରେ ।

ଏହି ଲିଙ୍ଗଭିତ୍ତିକ ବିଭେଦତାରେ ଶିକ୍ଷକଙ୍କର ଭୂମିକା ଛାତ୍ରଛାତ୍ରୀ ମାନଙ୍କ ଶୈକ୍ଷିକ ଫଳାଫଳ ଉପରେ ବହୁଳ ଭାବେ ପ୍ରଭାବ ପକାଏ । ଶୈକ୍ଷିକ ପ୍ରକ୍ରିୟାଟି ଛାତ୍ରଛାତ୍ରୀ ମାନଙ୍କୁ ଏଭଳି ପ୍ରସ୍ତୁତ କରିବା ଦରକାର ଯେପରି ସେମାନେ ଲିଙ୍ଗଭିତ୍ତିକ ସ୍ଥିତି ଏବଂ ପୁରୁଷ ସୁଲଭ ଓ ନାରୀ ସୁଲଭ ଚିନ୍ତାଧାରା ପ୍ରଶ୍ନ ଉଠାଇ ପାରିବେ ।

ବିଦ୍ୟାଳୟ ଶିକ୍ଷାର୍ଥୀମାନଙ୍କୁ ଏପରି ସୁବିଧା ଯୋଗାଇ ଦେବା ଉଚିତ ଯେପରି ଉଭୟ ବାଳକ ଓ ବାଳିକା ଉପଯୁକ୍ତ ଯୁକ୍ତି ଉପସ୍ଥାପନ, ନୂତନ ଭାବେ ପରିପ୍ରେକ୍ଷଣ, ନୂତନ ସଂପର୍କ ଓ ପରିଚୟ ସୃଷ୍ଟି କରିପାରିବେ । ସେଥିପାଇଁ ଶିକ୍ଷକଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ଶ୍ରେଣୀଭିତରେ ଏବଂ ଶ୍ରେଣୀବାହାରେ ବାଳକ ଓ ବାଳିକାମାନଙ୍କ ମଧ୍ୟରେ ସାମାଜିକ ସଂପର୍କ ଓ ଭିତ୍ତିଭୂମି ସ୍ଥାପନରେ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ଲିଙ୍ଗଗତ ସଂପର୍କର ପୁନର୍ଗଠନକୁ ପ୍ରଭାବ ପକାଇଥା'ନ୍ତି ଏବଂ ଲିଙ୍ଗଗତ ସମତା ସ୍ଥାପନରେ ପ୍ରୋତ୍ସାହନ ପାଇଁ କାର୍ଯ୍ୟ କରନ୍ତି । ଏହା ସତ୍ୟଯେ ଶିକ୍ଷକ ଚାହିଁଲେ ସମାଜରୁ ଲିଙ୍ଗଗତ ବିଭେଦତାକୁ ଦୂରୀକରଣ କରିପାରିବେ । ଶ୍ରେଣୀ କକ୍ଷରେ ନିରନ୍ତର ଉଦ୍ୟମ ଦ୍ୱାରା ଏହି ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ କରାଯାଇପାରିବ । ଶ୍ରମର ବିଭାଗୀକରଣ, ସମ୍ବଳ ବଣ୍ଟନ, ଶ୍ରେଣୀ ପରିଚାଳନା, ଶୈକ୍ଷିକ ପଦ୍ଧତି ମାଧ୍ୟମରେ ଶିକ୍ଷକମାନେ ଏହି ଅସମତା ଓ ପକ୍ଷପାତିତାକୁ ସକ୍ରିୟ ଭାବେ ସୁଧାରିପାରିବେ । ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଶିକ୍ଷକ ସଚେତନ ହୋଇ କରିଲେ ଲିଙ୍ଗଭିତ୍ତିକ ପକ୍ଷପାତିତା ଦୂରହେବା ସହ ଲିଙ୍ଗଗତ ସମାନତାରେ ଉନ୍ନତ ଅଣାଯାଇପାରିବ ।

- ଶିକ୍ଷକ ଶ୍ରେଣୀ ଭିତରେ ଓ ଶ୍ରେଣୀ ବାହାରେ ନିଜକୁ ଏପରି ପରିଚାଳିତ କରିବା ଉଚିତ୍ ଯେପରି ଲିଙ୍ଗଗତ ସମତା ସ୍ଥାପନ କରାଯାଇ ପାରିବ ।

- ସେମାନେ ସ୍ୱପରିଚାଳନାରେ ସଚେତନ ହୋଇ ଯାଞ୍ଚ କରିବା ଉଚିତ୍ ଏବଂ ଶିକ୍ଷାର୍ଥୀମାନଙ୍କୁ ଲିଙ୍ଗଗତ ବିଭେଦତା ବୈଷମ୍ୟତା ଠାରୁ ଦୂରରେ ରହିବା ପାଇଁ ପ୍ରୋତ୍ସାହନ ଦେବା ଉଚିତ୍ ।

ଟିପ୍ପଣୀ

- ସେମାନଙ୍କ ଭାଷାଗତ ବ୍ୟବହାରରୁ ମଧ୍ୟ ଲିଙ୍ଗଗତ ପକ୍ଷପାତିତା ପରିଲକ୍ଷିତ ନହେବା ଉଚିତ୍ । ସେମାନେ ଲିଙ୍ଗଗତ ସମତା ରକ୍ଷା କରିବା ପାଇଁ ଉପଯୁକ୍ତ ଭାଷା ବ୍ୟବହାର କରିବା ଓ ଶିକ୍ଷାର୍ଥୀମାନଙ୍କୁ ଏପରି କରିବା ପାଇଁ ପ୍ରୋତ୍ସାହନ ଦେବା ।

- ବସିବା ବ୍ୟବସ୍ଥା ଓ ଦଳଗତ କାର୍ଯ୍ୟରେ ବାଳକ ଓ ବାଳିକାମାନେ ଯେପରି ସମନ୍ୱୟ ରକ୍ଷାକରିପାରିବେ ଓ ସେଥିପ୍ରତି ଚେଷ୍ଟିତ ହେବେ ।

- ଲିଙ୍ଗଭିତ୍ତିରେ କାର୍ଯ୍ୟରେ ନିଯୁକ୍ତି କରିବାକୁ ଶିକ୍ଷକ ବିରୋଧ କରିବା ଉଚିତ୍ । ଉଦାହରଣ ସ୍ୱରୂପ :- ଶିକ୍ଷକ ମନରୁ ଏହି ଧାରଣାକୁ ଦୂରୀଭୂତ କରିବା ଉଚିତ୍ ଯେ, କେବଳ ବାଳିକାମାନେ ସଫେଇ କାର୍ଯ୍ୟ କରିବେ ଓ ବାଳକମାନେ ନେବା ଆଣିବା କାର୍ଯ୍ୟ କରିବେ । ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ମିଶ୍ରିତ ଦଳ(ପୁଅ ଓ ଝିଅ) ଶିକ୍ଷକଙ୍କ ଦ୍ୱାରା ଗଠନ କରାଯିବା ଉଚିତ୍ ।

- ଶିକ୍ଷକ ମଧ୍ୟ ବାଳକ ବାଳିକା ମାନଙ୍କଠାରୁ ସମାନ ଆଶା ପୋଷଣ କରିବା ଉଚିତ୍ । ବାଳକ ମାନଙ୍କଠାରୁ "କଠିନ" ଓ "ଅସମ" କାର୍ଯ୍ୟ ଏବଂ ବାଳିକା ମାନଙ୍କଠାରୁ "ସହଜ" ଓ "ସୂକ୍ଷ୍ମ" କାର୍ଯ୍ୟ ଆଶାକରିବା ଅନୁଚିତ୍ । ପ୍ରତିଯୋଗିତାରେ ବାଳକ ମାନଙ୍କ ପାଇଁ କେବଳ କଷ୍ଟସାଧ୍ୟ ଖେଳ ଖେଳିବା ପାଇଁ ଅନୁମତି ଦେଇ ବାଳିକା ମାନଙ୍କୁ ଏଥିରେ ଦୂରେଇ ରଖିବା ଅନୁଚିତ୍ । ଶିକ୍ଷକ ନିଜର ଆଶା ଓ ଆକାଙ୍କ୍ଷ୍ କୁ ଶ୍ରେଣୀ କକ୍ଷରେ ଏପରି ଆଲୋଚନା କରିବା ଉଚିତ୍ ଯେପରି ଏହା ପକ୍ଷପାତିତାକୁ ପ୍ରଶୟ ନଦିଏ ।

- ଶିକ୍ଷକ ପାଠ୍ୟକ୍ରମକୁ ଏପରି ଭାବେ ପରିଚାଳନା କରିବା ଦରକାର ଯେପରି ଏହା ଲିଙ୍ଗ ପ୍ରତି ସମ୍ବେଦନଶୀଳତା ଓ ଲିଙ୍ଗଗତ ସମାନତା ପ୍ରଦର୍ଶନ କରୁଥିବ ଶିକ୍ଷକ ନିଜେ ମଧ୍ୟ ଲିଙ୍ଗ ସମାନତାର ଆଚରଣ ପ୍ରଦର୍ଶନ କରିବେ ଯେପରି ସେ ନିଜକୁ ବାଳକ ବାଳିକା ମାନଙ୍କ ପାଇଁ ଆଦର୍ଶ ଭାବେ ପରିଗଣିତ କରିପାରିବେ ।

- ଶିକ୍ଷକମାନେ "ଉପଲବ୍ଧି ହାସଲରେ ଲିଙ୍ଗଗତ ପାର୍ଥକ୍ୟ"କୁ ଦୂରୀକରଣ କରିବା ଉଚିତ । ଯାହାକି ଲିଙ୍ଗଗତ ଚିନ୍ତାଧାରାକୁ ଆହ୍ୱାନ କରିବା ଦ୍ୱାରା ଏପରି ହୋଇପାରିବ ।

- ଲିଙ୍ଗଗତ ବୈଷମ୍ୟତା ଓ ପକ୍ଷପାତିତାର ଉଦାହରଣ ସମ୍ବନ୍ଧୀୟ ଆଲୋଚନାର ସୁଯୋଗକୁ ଶିକ୍ଷକ ହାତଛଡ଼ା କରିବା ଉଚିତ ନୁହେଁ । ଏହାକୁ ଆହ୍ୱାନ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷକ ପ୍ରୋତ୍ସାହିତ କରିବା ସହ ଆବଶ୍ୟକ ସ୍ଥଳେ ସହାୟତା ପ୍ରଦାନ କରିବା ଦରକାର ।

- ଶିକ୍ଷକମାନେ ବାଳିକାମାନଙ୍କୁ ଏହି ପ୍ରୋତ୍ସାହନ ଦେବା ଉଚିତ୍ ଯେ ସେମାନେ ନିରପେକ୍ଷ ନରହି ଶ୍ରେଣୀ କକ୍ଷରେ ପ୍ରତ୍ୟେକ କାର୍ଯ୍ୟରେ ସମପରିମାଣରେ ଅଂଶଗ୍ରହଣ କରିବେ । କୌଣସି ଭୁଲ ଉତ୍ତର ପାଇଁ ସେମାନଙ୍କୁ ସମାଲୋଚନା କରିବା ଅନୁଚିତ୍ ।

- ଶିକ୍ଷକମାନେ ଏପରି କାର୍ଯ୍ୟ କରିବା ଉଚିତ୍ ଯେପରି ବାଳିକା ମାନଙ୍କର ଆତ୍ମସମ୍ମାନ ଓ ଆତ୍ମସ୍ୱରୂପ ବଜାୟ ରହି ପାରିବ ।

- ଅନେକ ବାଳିକା ବିଦ୍ୟାଳୟର ସମସ୍ତ ସ୍ଥାନରେ ନିଜର ପ୍ରବେଶକୁ ସୁରକ୍ଷିତ ମନେ କରନ୍ତି ନାହିଁ । ସେମାନଙ୍କ ଚଳପ୍ରଚଳରେ କଟକଣା, ପ୍ରବେଶରେ ଅବରୋଧ ଇତ୍ୟାଦିକୁ ଆୟତ୍ତ କରାଯାଏ । ବାଳକମାନଙ୍କ ପରି ବାଳିକାମାନଙ୍କୁ ସୁବିଧା ସୁଯୋଗ ଦେବା ଶିକ୍ଷକମାନଙ୍କର ପ୍ରଧାନ ଦାୟିତ୍ୱ ଓ କର୍ତ୍ତବ୍ୟ । ପ୍ରତ୍ୟେକ ବାଳକ ବାଳିକା ମାନଙ୍କର ଅଧିକାରକୁ ବିଦ୍ୟାଳୟରେ ସମାନ ସୁବିଧା ସୁଯୋଗ ଦିଆଗଲେ ପାଠ୍ୟକ୍ରମ ସଂପୂର୍ଣ୍ଣ ବୋଲି କୁହାଯାଇଥାଏ ।

- ଆଜିର ଝିଅ ଓ ଭବିଷ୍ୟତରେ ମହିଳା ମାନେ ସେମାନଙ୍କର କ୍ୟାରିୟର ଗଠନରେ ବାଳକ ମାନଙ୍କ ପରି ଅଧିକ

ଟିପ୍ପଣୀ

କ୍ୟାରିୟରର ବିକଳ୍ପ ରଖିବା ଉଚିତ୍ । ବାଳିକା ମାନଙ୍କର କ୍ୟାରିୟର ଗଠନରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବା ଆବଶ୍ୟକ ।

– ବାଚନିକ ଓ ଶାରୀରିକ ଭାବେ ଶିକ୍ଷକ ବା ବାଳକମାନଙ୍କ ଦ୍ୱାରା ବାଳିକା ମାନଙ୍କର ଶୋଷଣ ହେଉଛି ଏକ ବିଶ୍ୱବ୍ୟାପୀ ସମସ୍ୟା ଲିଙ୍ଗଭିତ୍ତିକ କମେଣ୍ଟ, ଆକ୍ରମଣ ବା, ଭୟ ବହୁବାର ବାଳିକାମାନଙ୍କୁ ବିଦ୍ୟାଳୟରେ ହେଉଥିବା କାର୍ଯ୍ୟରେ ମୁକ୍ତଭାବେ ଅଂଶଗ୍ରହଣ କରିବାରେ ବାଧା ସୃଷ୍ଟି କରେ । ଏହି କ୍ଷେତ୍ରରେ ବାଳିକାମାନଙ୍କର ସୁରକ୍ଷା ଓ ସେମାନଙ୍କର ସଂପୂର୍ଣ୍ଣ ଅଂଶଗ୍ରହଣ ଶିକ୍ଷକଙ୍କର କର୍ତ୍ତବ୍ୟ ଅଟେ ।

– ଆମ ଦେଶରେ ନାରୀମାନଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଉନ୍ନତି ଆଣିବାପାଇଁ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେମାନଙ୍କର ଅବଦାନକୁ ଚିହ୍ନି ତାକୁ ସମ୍ମାନିତ କରିବା ଉଚିତ୍ । ବିଶ୍ୱମହିଳା ଦିବସ ପାଳନ, ନାରୀ ବୈଜ୍ଞାନିକ ମାନଙ୍କର ଜନ୍ମ ଦିବସ ପାଳନ ଏବଂ ନାରୀ ନେତ୍ରୀ ପ୍ରତିମୂର୍ତ୍ତିକୁ ଉଭୟ ବାଳକ ଓ ବାଳିକା ମାନଙ୍କୁ ମନେ ରଖିବା ପାଇଁ ପ୍ରୋତ୍ସାହନ ଦେବା ।

**ନିଜ ଅଗ୍ରଗତି ଆକଳନ:-୧୧.୪**

1. ତଳେ କେତେକ ଶବ୍ଦ ଦିଆଯାଇଛି । ସେମାନଙ୍କୁ ଲିଙ୍ଗ ଭିତ୍ତିକ ଅନ୍ତର୍ନିବେଶୀ ଶବ୍ଦରେ ପରିଣତ କରେ ।

------------------------------------------------------------------------

------------------------------------------------------------------------

--------------------

| ଲିଙ୍ଗ ବହିର୍ଭୁତ (ବିହୀନ) ଶବ୍ଦ | ଲିଙ୍ଗ ସମ୍ମିଳିତ ଶବ୍ଦ |
|---|---|
| କଂଗ୍ରେସ ପ୍ରାର୍ଥୀ | |
| ଡାକବାଲା | |
| ଚେୟାର ମ୍ୟାନ୍ | |
| ମନୁଷ୍ୟକୃତ | |
| ଝାଡୁଦାର(ମହିଳା) | |
| ଶ୍ରମିକ(ପୁରୁଷ) | |

2. ତଳେ ଦିଆଯାଇଥିବା ବିକଳ୍ପ ଗୁଡ଼ିକ ମଧ୍ୟରୁ ସଠିକ୍ ବିକଳ୍ପ ବାଛି ପ୍ରଶ୍ନର ଉତ୍ତର ଦିଅ ।

(i) ନିମ୍ନଲିଖିତ ମଧ୍ୟରୁ କେଉଁଟି ବିଦ୍ୟାଳୟ ପୃଷ୍ଠଭୂମିରେ ଲିଙ୍ଗଗତ ବିଭେଦତା ଓ ଅସମତାକୁ ପ୍ରୋତ୍ସାହିତ କରେ ?

(a) ପାଠ୍ୟପୁସ୍ତକରେ ଉଭୟ ପୁରୁଷ ଓ ମହିଳା ମାନଙ୍କର ଭୂମିକାକୁ ରଖିବା

(b) ଶୈକ୍ଷିକ କାର୍ଯ୍ୟରେ ଯେଉଁଗୁଡ଼ିକ ଝିଅମାନଙ୍କ ବିରୁଦ୍ଧରେ ପକ୍ଷପାତ କରେ ।

ଟିପ୍ପଣୀ

(c) ବିଦ୍ୟାଳୟରେ ପୁଅ ଓ ଝିଅ ପାଇଁ ଅଲଗା ଅଲଗା ୟୁନିଫର୍ମର ବ୍ୟବସ୍ଥା

(d) ଉପୋରକ୍ତ ସମସ୍ତ

(ii) ନିମ୍ନଲିଖିତ ମଧ୍ୟରୁ କେଉଁଟି ଲିଙ୍ଗଭିତ୍ତିରେ ଭାଷାଗତ ବିଭେଦତାରୁ ମୁକ୍ତିର ସ୍ୱରୂପ ଅଟେ ?

(a) ପୁରୁଷୋଚିତ ଦୃଶ୍ୟ (b) ନାରୀସୁଲଭ ନମ୍ରତା

(c) ଝିଅମାନଙ୍କ ପରି (d) ସହୃଦୟ

(iii) ନିମ୍ନଲିଖିତ ମଧ୍ୟରୁ କେଉଁ ଉକ୍ତିଟି ଶିକ୍ଷକଙ୍କ ଦ୍ୱାରା କରାଯାଇନଥିବା ଲିଙ୍ଗଭିତ୍ତିକ ବିଭେଦତା ?

(a) ଝିଅପିଲା ହୋଇ, କିପରି ଏପରି ଅପରିଷ୍କାର ଭାବେ କାର୍ଯ୍ୟ କରୁଛି ?

(b) ଯାହା ହେଲେ ବି ସେ ଗୋଟେ ପୁଅ । ସେ ଦୁଷ୍କର୍ମ କରି ଖସିଯାଇପାରିବ ।

(c) ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ସେମାନେ ଗଣିତସହ ଅନ୍ୟ ବିଷୟ ଗୁଡ଼ିକରେ ମଧ୍ୟ ଭଲ କରିବେ ।

(d) ବାଳକମାନେ କେବଳ ଗୃହରେ ଥିବା ଆସବାବ ପତ୍ର ଗୁଡ଼ିକୁ ବାହାରକୁ ନେବେ ଏବଂ ବାଳିକାମାନେ ଏହାକୁ ସଫା କରିବେ ।

3. ନିମ୍ନଲିଖିତ ଉକ୍ତି ଗୁଡ଼ିକରେ ଲିଙ୍ଗଭିତ୍ତିକ ବିଭେଦତା ବିଷୟରେ କେତେଗୁଡ଼ିଏ ଉପାଦାନ ଦିଆଯାଇଛି । ଏହାକୁ ଚିହ୍ନି ସେଗୁଡ଼ିକୁ ଲିଙ୍ଗଭିତ୍ତିକ ପକ୍ଷପାତିତା ମୁକ୍ତ କରି ଲେଖ ।

(a) ବିଦ୍ୟାଳୟ ଉନ୍ନୟନ ତଥା ପର୍ଯ୍ୟାଲୋଚନା କମିଟିର ଚେୟାରମ୍ୟାନ୍ ଶିକ୍ଷାର୍ଥୀମାନଙ୍କ ଅଭିଭାବକଙ୍କ ସହ ଆଲୋଚନା କରିବେ ।

(b) ଜଣେ ବୈଜ୍ଞାନିକ ପ୍ରକୃତି ପାଠ କରିବାକୁ ଆଗ୍ରହ ପ୍ରକାଶ କରନ୍ତି । ସେ ପ୍ରକୃତିରେ ଘଟୁଥିବା ଅପୂର୍ବ ଘଟଣା ଗୁଡ଼ିକର ନିୟମ ଜାଣିବା ପାଇଁ ଚେଷ୍ଟା କରନ୍ତି ।

(c) ପ୍ଲାଷ୍ଟିକ୍ ଓ ସିମେଣ୍ଟ ହେଉଛି ମନୁଷ୍ୟକୃତ ଜିନିଷର ଉଦାହରଣ

(d) ପୁରୁଷମାନେ କ୍ଷେତରେ କାମ କରିବେ ଓ ମହିଳାମାନେ ଘରେ ରୋଷେଇ ଓ ପିଲାମାନଙ୍କର ଯତ୍ନ ନେବେ ।

## 11.5 ସାରାଂଶ

ଲିଙ୍ଗ ହେଉଛି ପ୍ରକୃତିଦତ୍ତ । ଲିଙ୍ଗଭିତ୍ତିକ ସଂଜ୍ଞା ହେଉଛି ସମାଜ ଓ ସଂସ୍କୃତିଗତ / ଲିଙ୍ଗଭିତ୍ତିକ ଅସମତା ଉଭୟ ନାରୀ ଓ ପୁରୁଷ ଉପରେ ପ୍ରଭାବ ପକାଇଥାଏ । କେତେକ ସ୍ଥଳେ ଏହା ନାରୀମାନଙ୍କ ଉପରେ ଅଧିକ ଚାପ ପକାଏ । ନିମ୍ନଲିଖିତ ସୁଚକାଙ୍କ ଦ୍ୱାରା ସମାଜରେ ମହିଳା ମାନଙ୍କ ସ୍ଥିତିର ପରିମାପ କରାଯାଏ ସେଗୁଡ଼ିକ ହେଉଛି :- ଶିକ୍ଷାର ସ୍ତର, ଲିଙ୍ଗାନୁପାତ, ମାତୃ ମୃତ୍ୟୁହାର, ଶିଶୁକନ୍ୟା ମୃତ୍ୟୁହାର, ଶ୍ରମଶକ୍ତିରେ ଅଂଶଗ୍ରହଣ, ସମ୍ପତ୍ତି ଓ ଭୂମିର ଅଧିକାରୀ, ରାଜନୀତିରେ ଅଂଶଗ୍ରହଣ, ସେମାନଙ୍କ ବିରୁଦ୍ଧରେ ହିଂସା ଓ ଅପରାଧ, ଲିଙ୍ଗଭିତ୍ତିକ ବିଭେଦତା ଓ ପକ୍ଷପାତିତାର ଓ ଅତୀତକାଳର ବିକୃତୀକରଣର କ୍ରମବର୍ଦ୍ଧନଶୀଳ ଇତିହାସ ଯାହକି ବର୍ତ୍ତମାନ ମଧ୍ୟ ବିଦ୍ୟମାନ । ଲିଙ୍ଗଭିତ୍ତିକ ଅସମତା ବିଭିନ୍ନ ପ୍ରକାର ରୂପଧାରଣ କରିପାରେ ଏବଂ ସାମାଜିକ ସଂସ୍ଥା ଗୁଡ଼ିକ ଦ୍ୱାରା

ମଧ୍ୟ ପରିଚାଳିତ ହୁଏ । ଲିଙ୍ଗଭିତ୍ତିକ ଅସମତା ବ୍ୟକ୍ତିତ୍ୱ, ପରିବାର, ସମାଜ, ଅର୍ଥନୈତିକ ପ୍ରଗତି ଉପରେ ପ୍ରଭାବ ପକାଏ । ଲିଙ୍ଗଭିତ୍ତିକ ଅସମତା ପରିବର୍ତ୍ତନଶୀଳ ଏବଂ ଏଥିରେ ପରିବର୍ତ୍ତନ ଆସିବା ଉଚିତ୍ । ଶିକ୍ଷକ ଲିଙ୍ଗଭିତ୍ତିରେ ପୁନର୍ଗଠନ ଏବଂ ସାମାଜିକ ପରିବର୍ତ୍ତନରେ ଜଣେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି ।

ଟିପ୍ପଣୀ

## 11.6 ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ତୁମର ଶୈକ୍ଷିକ ଅଗ୍ରଗତି

11.3 ସେକସନ୍ ରେ ପରଖ

1. ସତ୍ୟ ବା ମିଥ୍ୟା

(a) ମିଥ୍ୟା (b) ସତ୍ୟ (c) ସତ୍ୟ (d) ମିଥ୍ୟା (e) ସତ୍ୟ
(f) ମିଥ୍ୟା

2. ଲିଙ୍ଗଗତ ଉପସ୍ଥିତି / ଜୈବିକ ଉପସ୍ଥିତ

(a) ଲିଙ୍ଗ ଭିତ୍ତିକ ଉପସ୍ଥିତି

(b) ଜୈବିକ ଉପସ୍ଥିତି

(c) ଜୈବିକ ଉପସ୍ଥିତି

(d) ଲିଙ୍ଗଭିତ୍ତିକ ଉପସ୍ଥିତ

(e) ଲିଙ୍ଗଭିତ୍ତିକ ଉପସ୍ଥିତି

(f) ଲିଙ୍ଗଭିତ୍ତିକ ଉପସ୍ଥିତି

(g) ଜୈବିକ ଉପସ୍ଥିତି

(h) ଲିଙ୍ଗଭିତ୍ତିକ ଉପସ୍ଥିତି

(i) ଲିଙ୍ଗଭିତ୍ତିକ ଉପସ୍ଥିତି

(j) ଲିଙ୍ଗଭିତ୍ତିକ ଉପସ୍ଥିତି

(l) ଲିଙ୍ଗଭିତ୍ତିକ ଉପସ୍ଥିତି

**ନିଜ ଅଗ୍ରଗତରି ଆକଳନ ୧୧.୪ ସେକସନ୍ ରୁ**

ସତ୍ୟ ବା ମିଥ୍ୟା

୧. ସତ୍ୟ ୨. ମିଥ୍ୟା ୩. ସତ୍ୟ ୪. ମିଥ୍ୟା
୫.ସତ୍ୟ ୬. ସତ୍ୟ ୭. ମିଥ୍ୟା ୮. ମିଥ୍ୟା

II. ନିମ୍ନଲିଖିତ କେଉଁଗୁଡ଼ିକ ଲିଙ୍ଗଭିତ୍ତିକ ପକ୍ଷପାତିତାର ଉଦାହରଣ ?

୧. ଲିଙ୍ଗଗତ ବିଭେଦତାର ନିୟମ

୨. ଲିଙ୍ଗଗତ ବିଭେଦତା ନୁହେଁ

ଟିପ୍ପଣୀ

୩.ଲିଙ୍ଗଗତ ବିଭେଦତା ନୁହେଁ

୪. ଲିଙ୍ଗଗତ ବିଭେଦତାର ନିୟମ

୫. ଲିଙ୍ଗଗତ ବିଭେଦତାର ନିୟମ

୬. ଲିଙ୍ଗଗତ ବିଭେଦତା ନୁହେଁ

୭. ଲିଙ୍ଗଗତ ବିଭେଦତା ନୁହେଁ

୮. ଲିଙ୍ଗଗତ ବିଭେଦତାର ନିୟମ

III. 1-(b) 2-(c) 3.(d)

**ନିଜ ଅଗ୍ରଗତି ଆକଳନି** ୧୧.୫ ସେକସନ୍ ରୁ ପରଖ

1. (c) 2. (a) 3. (b) 4. (d); 5. (d) 6. (b)

1. କଂଗ୍ରେସ ପ୍ରାର୍ଥୀ-

ମାନବ ଶକ୍ତି - ମାନବୀୟ ଶକ୍ତି

ଜମି ମାଲିକ - ଭୂମି ସ୍ୱତ୍ୱାଧିକାରୀ

ଗୃହିଣୀ - ଗୃହନିର୍ମାତା

ଡାକବାଲା - ଡକବ୍ୟକ୍ତି

ଖେଳାଳୀ - କ୍ରୀଡ଼ାବିତ୍

ଚେୟାରମ୍ୟାନ୍ - ଚେୟରପର୍ସନ୍

ମନୁଷ୍ୟକୃତ - ମାନବୀୟ କୃତ (Humane Made)

ସଫାକରୁଥିବା ମହିଳା - ସଫେଇ କର୍ମଚାରୀ

ପୁରୁଷ ଶ୍ରମିକ - କାମକରୁଥିବା ଲୋକ ସମୂହ

2. (i) - d; (ii) - d (iii) - c

3. (a) ବିଦ୍ୟାଳୟ ଉନ୍ନୟନ ତଥା ପର୍ଯ୍ୟାଲୋଚନା କମିଟିର ଚେୟାର ପର୍ସନ ଶିକ୍ଷାର୍ଥୀମାନଙ୍କ ଅଭିଭାବକଙ୍କ ସହ ଆଲୋଚନା କରିବେ ।

(b) ଜଣେ ବୈଜ୍ଞାନିକ ପ୍ରକୃତି ପାଠ କରିବାକୁ ଆଗ୍ରହ ପ୍ରକାଶ କରେ । ସେ (ପୁରୁଷ/ମହିଳା) ଘଟୁଥିବା ଅପୂର୍ବ ଘଟଣା ଗୁଡ଼ିକର ନିୟମ ଜାଣିବା ପାଇଁ ଚେଷ୍ଟା କରନ୍ତି ।

(c) ପ୍ଲାଷ୍ଟିକ୍ ଓ ସିମେଣ୍ଟ ଉଭୟ ପୁରୁଷ ଓ ମହିଳାମାନଙ୍କ ଦ୍ୱାରା ତିଆରି ହୋଇପାରିବ ।

(d) ଉଭୟ ପୁରୁଷ ଓ ମହିଳା ପରିବାର କାର୍ଯ୍ୟରେ, କ୍ଷେତରେ ଏବଂ ରୋଷେଇ ସହ ପିଲାମାନଙ୍କ ଯତ୍ନ ମିଶିକି ନେଇପାରିବେ ।

**୧୧.୭ ପ୍ରକଳ୍ପ କାର୍ଯ୍ୟ ଓ ପ୍ରଶ୍ନାବଳୀ :**

ଟିପ୍ପଣୀ

1. ତୁମେ ପଢ଼ାଉଥିବା ଏକ ପାଠପୁସ୍ତକ ନିଅ । ସେଥିରେ ଥିବା ଲିଙ୍ଗଭିତ୍ତିକ ଅସମତା ସୂଚାଉଥିବା ଚିତ୍ର ବିଷୟ ବସ୍ତୁ, ଭାଷାଗୁଡ଼ିକୁ ଚିହ୍ନଟ କର । ତୁମେ ପର୍ଯ୍ୟବେକ୍ଷଣର ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କର ।

2. ଯେକୌଣସି ଦିନର ଏକ ଖବର କାଗଜ ଆଣ ସେଥିରୁ ଲିଙ୍ଗଭିତ୍ତିକ ପକ୍ଷପାତିତାର ବିଷୟରେ ଥିବା ଭାଷା ଓ ଚିତ୍ରକୁ ଚିହ୍ନଟ କର । ଯଦି ତୁମକୁ ସୁଯୋଗ ଦିଆଯାଏ ତାହେଲେ ତୁମେ ଏଥିରେ କି କି ପରିବର୍ତ୍ତନ ଆଣିପାରିବ ଲେଖ ।

3. ଗୋଟିଏ ଛୋଟ ବହିଟିଏ ପ୍ରସ୍ତୁତ କର ଯାହାକି ବର୍ତ୍ତମାନ ଆମ ସମାଜରେ ମହିଳାମାନଙ୍କର ସ୍ଥିତିକୁ ଚିତ୍ରଣ କରୁଥିବ ଏବଂ ଏଥିରେ ଖବର କାଗଜରେ ଏହି ବିଷୟରେ ଥିବା ଓ Headline ଚିତ୍ରଗୁଡ଼ିକ ରହିଥିବେ ।

4. ଲିଙ୍ଗ ବୈଷମ୍ୟତାକୁ ପ୍ରଶ୍ନ କରୁଥିବା ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରୁଥିବା ସ୍ଲୋଗାନ ଓ ଉଦ୍ଧୃତି ଗୁଡ଼ିକୁ ସଂଗ୍ରହ କର ।

11.8. SUGGEST READINGS AND REFERENCES


1. Report of National Focus Group on Gender,NCBRT,2005
2. Gender Sensitivity : A training manual UNESCO,2004
3. Girl's Education in 21st Century : Gender Equality Empowerment and Economic Growth, World Bank,2004
4. UNICEF - Girls Education [www.unicef,org/girlseducation]
5. UNICEF Education For All [http://www.unesco.org/education/efa/]
6. The United National Girls Education Initiative (UNGEI) [http://www.ungei.org]
7. Sarva Shiksha Abhiyan, MHRD, Govt. of India [http://ssa.nic.in/news/girlseducation-in-india]


**11.9 ପଠାନ୍ତ ପ୍ରଶ୍ନାବଳୀ :**

1. ଲିଙ୍ଗ (Sex) ଓ ଲିଙ୍ଗଗତ ସଂଜ୍ଞା (Gender) ମଧ୍ୟରେ ପାର୍ଥକ୍ୟ ଦର୍ଶାଅ
2. ତୁମ ଶ୍ରେଣୀରେ ପୁଅ ଓ ଝିଅ ମାନଙ୍କ ମଧ୍ୟରେ ଥିବା ଲିଙ୍ଗଗତ ପାର୍ଥକ୍ୟ ଗୁଡ଼ିକର ତାଲିକା ପ୍ରସ୍ତୁତ କର । ଉଭୟ ପରିସ୍ଥିତିକୁ ସୁହାଇଲା ଭଳି ଶିକ୍ଷାଦାନ କୌଶଳର ବିକାଶ କର ।
3. ଲିଙ୍ଗଗତ ପ୍ରଭେଦତା କ'ଣ ? ଦୁଇଟି ଉଦାହରଣ ଦିଅ ।
4. ଆମ ସମାଜରେ ମହିଳାମାନଙ୍କର ସ୍ଥିତି ସମ୍ବନ୍ଧରେ ୪ଟି ସୁଚକାଙ୍କକୁ ବର୍ଣ୍ଣନା କର ।
5. କେଉଁ ସାମାଜିକ କାରଣ ଗୁଡ଼ିକ ମୁଖ୍ୟତଃ ବାଳିକାମାନଙ୍କର ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣରେ ବାଧାସୃଷ୍ଟି କରୁଅଛି ?

ଟିପ୍ପଣୀ

6. ଶିକ୍ଷକ ହିସାବରେ ନିଜର ଅଭିଜ୍ଞତାରୁ, ପାଞ୍ଚଟି ଦିଗ ଚିନ୍ତାକର ଯାହା ଦ୍ୱାରା କି ବିଦ୍ୟାଳୟ ପରିସରରେ ଘଟୁଥିବା ଲିଙ୍ଗଗତ ସମସ୍ୟା ଗୁଡ଼ିକ ସୃଷ୍ଟି ହେଉଛି, ଏଗୁଡ଼ିକୁ ଏକ ଶିକ୍ଷକ ହିସାବରେ କିପରି ଦୂରୀକରଣ କରିବ ଲେଖ ।

7. କେତେକ ପରିସ୍ଥିତିରେ ବାଳିକାମାନେ ବିଦ୍ୟାଳୟରେ ହେଉଥିବା କାର୍ଯ୍ୟଗୁଡ଼ିକରେ ମୁକ୍ତ ଭାବେ ଯୋଗଦାନ କରି ପାରନ୍ତି ନାହିଁ । କ'ଣ ଶିକ୍ଷକ ହିସାବରେ ଏପରି ପରିସ୍ଥିତି ପାଇଁ ବିରୁଦ୍ଧରେ ବାଳିକା ମାନଙ୍କ ପାଇଁ ଅନୁକୂଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ  ତେବେ ତୁମେ ତାହା କିପରି କରିବ ?

   (a) ବିଦ୍ୟାଳୟରେ ପିଲାମାନଙ୍କ ପାଇଁ Excursion ର ଆୟୋଜନ କରାଯାଇଥାଏ । କିନ୍ତୁ କେତେକ ଅଭିଭାବକ ସେମାନଙ୍କ ଝିଅମାନଙ୍କୁ Excursion ରେ ପଠାଇବା ପାଇଁ ରାଜି ହୁଅନ୍ତି ନାହିଁ ।

   (b) ଗୋଟିଏ ଝିଅଟିଏ କୁହ ତାର ସହପାଠୀମାନେ ଗୁଣ୍ଡାମାନଙ୍କ ପରି ଆଚରଣ କରନ୍ତି ।

   (c) ବିଦ୍ୟାଳୟରେ ପଢୁଥିବା ଝିଅମାନଙ୍କୁ କେବଳ ଅନ୍ତର୍ବାସୀ କ୍ରୀଡ଼ା (Indoor Games) ପାଇଁ ଅନୁମତି ଦିଆଯାଏ ।

   (d) ତୁମେ ଶ୍ରେଣୀରେ ଅଳ୍ପକେତେକ ବାଳିକା ଗଣିତ ବିଷୟରେ ଭଲ କରନ୍ତି ନାହିଁ ।

   (e) ଶ୍ରେଣୀରେ ଥିବା ବାଳକମାନେ ବାଳିକାମାନଙ୍କ ବିରୁଦ୍ଧରେ ଅଶ୍ଳୀଳ ଭାଷାର ପ୍ରୟୋଗ କରନ୍ତି ।

8. ତୁମ ରାଜ୍ୟରେ ବାଳିକା ଏବଂ ମହିଳାମାନଙ୍କ ବିରୁଦ୍ଧରେ ପକ୍ଷପାତିତା ଦର୍ଶାଉଥିବା ସାମାଜିକ କାର୍ଯ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

9. ନିଜ ଶ୍ରେଣୀ କକ୍ଷରେ ଲିଙ୍ଗ ବିଭେଦତାର ନିରାକରଣ ପାଇଁ ତୁମେ କ'ଣ କରିବ ବର୍ଣ୍ଣନା କର ।